୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27 . No.13 Bhubaneswar Sunday Feburary 16 2025 | ୨୭ତମ ବର୍ଷ ସଂଖ୍ୟା–୧୩ ଭୁବନେଶ୍ୱର, ରବିବାର, ଫେବୃଆରୀ ୧୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ୪ ବର୍ଷ ବିତିଲା, ଓଡିଶାରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଲାନି
# 'ଇ-ବିଧାନସଭା': ସାର୍ବଜନୀନ ହେଉନି ପ୍ରଶ୍ନୋତ୍ତର

ଭୁବନେଶ୍ୱର,୧୫।୨(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ନ୍ୟାସନାଲ ଇ-ବିଧାନସଭା ଆପ୍ଲିକେସନ (ନେଭା) ଏବେ ଓଡିଶାରେ ଫେଲ୍ ମାରିଛି । କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଅନୁଦାନରେ ଓଡିଶା ବିଧାନସଭାରେ ୨୦୨୧ ଫେବୃୟାରୀ ମାସରୁ କାର୍ଯ୍ୟକ୍ଷମ ହୋଇଥିବା 'ନେଭା' ଏପର୍ଯ୍ୟନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି । ଓଲଟା 'ନେଭା' ମାଧ୍ୟମରେ ବିଧାନସଭାରେ ଉପସ୍ଥାପନ ହେଉଥିବା ଲିଖିତ ପ୍ରଶ୍ନୋତ୍ତରକୁ ଜାଣିବାର ସୁଯୋଗ ପାଉଥିବା ସାଧାରଣ ଲୋକଙ୍କୁ ଏବେ ସେହି ସୁବିଧାରୁ ବଂଚିତ ହେବାକୁ ପଡୁଛି । ଯଦିଓ ଚଳିତ ବଜେଟ୍ ଅଧିବେଶନ ପୂର୍ବରୁ ବିଧାନସଭା ଗୃହକୁ 'ନେଭା ଡିଜିଟାଲ ହାଉସ' ଭାବେ ଘୋଷଣା କରାଯାଇଛି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଡିଜିଟାଲ ହାଉସକୁ ଫେବୃୟାରୀ ୧୨ତାରିଖରେ ଆନୁଷ୍ଠାନିକ ଉଦଘାଟନ କରିଥିଲେ । ସୂଚନା ଅନୁସାରେ, ୧୩ ତାରିଖରୁ ଚଳିତ ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି । ପ୍ରଥମ ଦିନରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇଛି ଓ ଆସନ୍ତା ସୋମବାର ବାର୍ଷିକ ବଜେଟ୍ ଉପସ୍ଥାପନ ହେବ । ଚଳିତ ଅଧିବେଶନରେ ସମସ୍ତ ୧୪୭ ବିଧାୟକଙ୍କ ଆସନ ପାଖରେ 'ଆଇପ୍ୟାଡ୍ ?' ଲଗାଯାଇ ଗୃହର କାର୍ଯ୍ୟକୁ ପେପରଲେସ୍ କରିବା ନିମନ୍ତେ




ପଦକ୍ଷେପ ନିଆଯାଇଛି । ବିଧାନସଭାର ଚଳିତ ବଜେଟ୍ ଅଧିବେଶନ ଆରମ୍ଭ ପୂର୍ବରୁ ଫେବୃୟାରୀ ୧୨ତାରିଖରେ ବାଚ୍‌ସ୍ପତି ସୁରମା ପା ?ୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା ଗୃହକୁ 'ନେଭା ଡିଜିଟାଲ ହାଉସ'ର ଶୁଭାରମ୍ଭ କରିଥିଲେ । ଆଉ ଏଣିକି ବିଧାନସଭାରେ ଗୃହର ସବୁ କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ହେବ ଓ ଏକ ପେପରଲେସ୍ ହାଉସ ଭାବେ ଗୃହର ଗୌରବ ବୃଦ୍ଧି ହେବ ବୋଲି କହିଥିଲେ । ମାତ୍ର ବିଧାନସଭାର ପଦାଧିକାରୀମାନଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଏବେ 'ଇ-ବିଧାନସଭା' ପ୍ରୟାସକୁ ଧକ୍କା ଲାଗିଛି । ବିଧାନସଭା ଗୃହକୁ 'ଡିଜିଟାଲ ହାଉସ' ଭାବେ ଘୋଷଣା କରାଯାଇଛି ସତ କିନ୍ତୁ ବିଧାୟକମାନଙ୍କ ଦ୍ୱାରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯେଉଁ ଲିଖିତ ପ୍ରଶ୍ନ କରାଯାଉଛି ତଥା ବିଭାଗୀୟ ମନ୍ତ୍ରୀମାନେ ତା'ର ଯେଉଁ ଉତ୍ତର ଦେଉଛନ୍ତି, ତାକୁ ଅନଲାଇନରେ ସାର୍ବଜନୀନ କରାଯାଉନି । ଯଦିଓ ୨୦୨୧ ମସିହାରେ 'ନେଭା' ଆପ୍ ମାଧ୍ୟମରେ ପ୍ରଶ୍ନୋତ୍ତରକୁ ଅନଲାଇନରେ ସର୍ବସାଧାରଣ ଜାଣିବାର ସୁଯୋଗ ପାଉଥିଲେ । ବିଧାନସଭା ଗୃହରେ ପ୍ରଶ୍ନୋତ୍ତର କାଳ ଶେଷ ହେବାପରେ ଏହି 'ନେଭା' ଆପ୍ ମାଧ୍ୟମରେ ଉକ୍ତଦିନ ଗୃହରେ ଉପସ୍ଥାପିତ ହୋଇଥିବା ସମସ୍ତ ତାରକା ଓ ଅଣତାରକା ପ୍ରଶ୍ନ-ଲିଖିତ ଉତ୍ତରକୁ ବିଧାନସଭା ପକ୍ଷରୁ ସାର୍ବଜନୀନ କରାଯାଉଥିଲା । କିନ୍ତୁ ଚଳିତ ବଜେଟ୍ ଅଧିବେଶନରେ ସେହି ସୁବିଧାକୁ ବନ୍ଦ କରିଦିଆଯାଇଛି । ଅବଶ୍ୟ ବିଧାନସଭା ପକ୍ଷରୁ ନ୍ୟାସନାଲ ଇନଫରମେସନ ସେଂଟର(ଏନଆଇସି)ର ଓଡିଶା ଶାଖକୁ ଏହି ଡିଜିଟାଇଜେସନ୍ କାର୍ଯ୍ୟ ନିମନ୍ତେ ନିୟୋଜିତ କରାଯାଇଛି । ତଥାପି 'ନେଭା' ଆପ୍ ମାଧ୍ୟମରେ ପ୍ରଶ୍ନୋତ୍ତରକୁ ସାର୍ବଜନୀନ କାହିଁକି କରାଯାଉନି ସେନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ ।

## ରାଜ୍ୟପାଳଙ୍କୁ ଭେଟି ନପାରି ନିରାଶ ହେଲେ ବୈକୁଣ୍ଠଙ୍କ ପତ୍ନୀ

ଭୁବନେଶ୍ୱର,୧୫।୨(ପି.ଏନ): ପୂର୍ବତନ ରାଜ୍ୟପାଳଙ୍କ ପୁଅ ଏଏସଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ମାଡ଼ ମାରିବା ଘଟଣା । ଆଜି ରାଜ୍ୟପାଳଙ୍କୁ ଭେଟି ନ୍ୟାୟ ଦାବି କରିବାକୁ ଯାଇଥିଲେ ବୈକୁଣ୍ଠଙ୍କ ପତ୍ନୀ ସାୟୋଜ ପ୍ରଧାନ। ହେଲେ ନ୍ୟାୟ ପାଇଁ ରାଜ୍ୟପାଳଙ୍କୁ ଭେଟି ନପାରି ନିରାଶ ହୋଇଛନ୍ତି । କହିଲେ ରାଜ୍ୟପାଳଙ୍କୁ ଭେଟିବା ପାଇଁ ସମୟ ମାଗିଥିଲି । ହେଲେ ଭେଟ ହେଲା ନାହିଁ ।ପୂର୍ବତନ ରାଜ୍ୟପାଳ ତଥା ବର୍ତ୍ତମାନର ବିଜେପି ନେତା ରଘୁବର ଦାସଙ୍କ ପୁଅ ଏଏସଓଙ୍କୁ ମାଡ ମାରି ଲହଲୁହକ୍ଷଣ କରିଥିବା ଅଭିଯୋଗ ହୋଇଥିଲା । ୭ ମାସ ଧରି ଥାନାରେ ଏତଲା ହୋଇଥିବା ସତ୍ତ୍ୱେ ପୋଲିସ ଦୋଷୀଙ୍କ ବିରୋଧରେ କାର୍ଯ୍ୟକ୍ଷନୁଷ୍ଠାନ ହୋଇନାହିଁ। ଏନେଇ ବାରମ୍ବାର ପୋଲିସକୁ ନ୍ୟାୟ ମାଗୁଛନ୍ତି ବୈକୁଣ୍ଠନାଥଙ୍କ ପତ୍ନୀ । ନୂଆ ରାଜ୍ୟପାଳଙ୍କୁ ଭେଟି ନଥିବାରୁ ଦୁଃଖରେ ଫେରିଛନ୍ତି । ପୁରୀ ଯାଇ ପୁଣି ଥାନାରେ କେତେ ବାଟ ମାମଲା ଯାଇଛି, ତାହା ପଚାରି ବୁଝିବେ । ସ୍ୱାମୀଙ୍କୁ ନ୍ୟାୟ ନମିଳିବ ଯାଏଁ ଲଢେଇ ଜାରୀ ରଖିବେ ବୋଲି ସେ କହିଛନ୍ତି।

## ବିଧାନସଭାରେ ବିଜେଡି-ବିଜେପି ମୁହାଁମୁହିଁ, ଗୃହ କ'ଣ ଚଲାଇବେ ପାଣ୍ଡିଆନ

ଭୁବନେଶ୍ୱର,(ପି.ଏନ): ସକ୍ରିୟ ରାଜନୀତିରେ ନଥାଇ ମଧ୍ୟ ବିଧାନସଭାରେ ଉଠୁଛି ପଡୁଛି ପାଣ୍ଡିଆନଙ୍କ ନାଁ। ପାଣ୍ଡିଆନଙ୍କ କଥାରେ ଚାଲୁଛି ବିଧାନସଭା। ପାଣ୍ଡିଆନଙ୍କ ଇସାରାରେ ନାଚୁଛନ୍ତି ବିଜେଡି ବିଧାୟକ ।ଦଳରେ ନାହାଁନ୍ତି ପାଣ୍ଡିଆନ କିନ୍ତୁ ଏବେ ବି କିଛି ବିଧାୟକ ତାଙ୍କ ଚାମଚା ହେବା ପାଇଁ ଚଲାଇଛନ୍ତି ଲବି। ତେଣୁ ତାଙ୍କରି କଥାରେ ଉଠବସ ହେଉଛନ୍ତି। ଏବଂ ବିଧାନସଭାକୁ ଚଲାଇ ଦେଉନାହାନ୍ତି। ଏପରି ଏକ କଡା ମନ୍ତବ୍ୟ ଦେଇଛନ୍ତି ବିଜେପିର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ।ବିଜେଡି-ବିଜେପି ମୁହାଁମୁହିଁ: ୨୪ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରେ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି ଭିକେ ପାଣ୍ଡିଆନ। ନିର୍ବାଚନ ହାରିବା ପରଠାରୁ ତାଙ୍କୁ ଆଉ କ୍ୟାମେରା ସାମ୍ନାରେ ଦେଖିବାକୁ ମିଳୁନି ।ହେଲେ ଏବେବି ବିଜେଡି



ପାଣ୍ଡିଆନଙ୍କ ଇସାରାରେ ଚାଲିଛି। ପାଣ୍ଡିଆନଙ୍କ କଥାରେ ଉଠବସ ହେଉଛନ୍ତି ବିଜେଡି ନେତା। ସେଥିପାଇଁ ତ ବାରମ୍ବାର ପାଣ୍ଡିଆନଙ୍କ ନାଁରେ ଅଭିଯୋଗ ଆସୁଛି। ଦଳ ଛାଡିଥିବା ଅନେକ ନେତା ପାଣ୍ଡିଆନଙ୍କ ସମ୍ପର୍କରେ ବିଭିନ୍ନ ପ୍ରକାର ଟିପ୍ପଣୀ ଦେଉଛନ୍ତି ।ବିଧାନସଭାରେ ପାଣ୍ଡିଆନ କ୍ରେଜ: ନା ପାଣ୍ଡିଆନ ଏବେ ନେତା ଅଛନ୍ତି ନା ସେ କେବେ ବିଧାୟକ ଥିଲେ। ହେଲେ ଆଜି ବି ପାଣ୍ଡିଆନଙ୍କ ଇସାରାରେ ବିଧାନସଭା ଗୃହ ବନ୍ଦ ହେଉଛି। ଏହାର କାରଣ ହେଉଛି ବିଜେଡି ବିଧାୟକ ପାଣ୍ଡିଆନଙ୍କ ଇସାରାରେ ଗୃହ ଚଳେଇ ଦେଉନାହାନ୍ତି ।ବାରମ୍ବାର ଗୃହରେ ହଟ୍ଟଗୋଳ କରୁଛନ୍ତି। ଆଉ ଏସବୁ କେବଳ ପାଣ୍ଡିଆନଙ୍କ ଇସାରାରେ ହେଉଛି ବୋଲି ଅଭିଯୋଗ କରିଛନ୍ତି ବିଜେପି ବିଧାୟକ ଜୟ ନାରାୟଣ ମାଶ୍ର। ଏବେ ବି ବିଜେଡିରେ ପାଣ୍ଡିଆନଙ୍କ ନମ୍ବର ୱାନ୍ ଚମଚା ହେବା ପାଇଁ ପ୍ରତିଯୋଗିତା ଚାଲିଛି। ଯେଉଁଥିପାଇଁ ଏପରି କାଣ୍ଡ କରୁଛନ୍ତି ବିଜେଡି ବିଧାୟକ।
ଚାଲି ପାରୁନି ବିଧାନସଭା: ଯଦି ଦେଖିବା ବିଜେପି ଶାସନକୁ ଆସିବା ଦିନଠାରୁ ଯେବେ ବି ବିଧାନସଭା ବସୁଛି ବିଜେଡି କିଛି ନା କିଛି କାରଣ ଦର୍ଶାଇ ଗୃହ ଚଳାଇ ଦେଉନି। ଗଣ୍ଡଗୋଳ ହୋ ହଲ୍ଲା କରୁଛି। ଯାହା ପାଇଁ ଗୃହକୁ ମୁଲତବି ରଖାଯାଉଛି। ଆଉ ଏବେ ପୁଣିଥରେ ବିଧାନସଭା ଅଚଳ କରାଯିବାକୁ ନେଇ ଶାସକ ବିଜେପି ଓ ବିରୋଧୀ ବିଜେଡି ମୁହାଁମୁହିଁ ହୋଇଛନ୍ତି। ପଏଣ୍ଟ ଅଫ ଅର୍ଡର ନେଇ ଗୃହରେ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର। ସେ କହିଛନ୍ତି, ପାଣ୍ଡିଆନଙ୍କ କଥାରେ ବିଜେଡି ଗୃହକୁ ଅଚଳ କରୁଛି ।ବିରୋଧୀ ବିଜେଡି ଚାଷୀ ପ୍ରସଙ୍ଗରେ ମୁଲତବୀ ଆଣିଥିଲେ, ସରକାର ମଧ୍ୟ ଆଲୋଚନା ପାଇଁ ରାଜି ଥିଲେ। କିନ୍ତୁ କଣ ପାଇଁ କାଲିଠାରୁ ଆଜି ଯାଏ ଗୃହକୁ ମୁଲତବୀ କରାଯାଇଛି ।ଲବିରେ କିଛି ବିଜେଡି ବିଧାୟକଙ୍କ ସହ ଆଲୋଚନା କରୁଥିଲି, ସେମାନେ କହିଲେ ପାଣ୍ଡିଆନ କହିଲା ବୋଲି ଆମେ ଏମିତି କଲୁ । ଏ ଗୃହକୁ କଣ ପାଣ୍ଡିଆନ ଚଳେଇବେ ବୋଲି ପ୍ରଶ୍ନ କରିଛନ୍ତି ଜୟନାରାୟଣ ।

## ବନ୍ଦ ଘରୁ ୩ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୫।୨(ପିଏନ):ଢେଙ୍କାନାଳ ଜିଲ୍ଲା ଚାଉଳିଆ ଖମାରି ଗାଁରେ ଚାଞ୍ଚଲ୍ୟ । ବନ୍ଦ ଘରୁ ମିଳିଲା ୩ ଜଣଙ୍କ ଝୁଲନ୍ତା ମୃତଦେହ । ମୃତକମାନଙ୍କ ଭିତରେ ବାପା, ଝିଅ ଓ ନାତି ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।ଘରେ ଝୁଲୁଛି ମୃତଦେହ- ମୃତକମାନେ ହେଲେ ଶଙ୍କର୍ଷଣ ଦାସ, ଝିଅ ସୁବର୍ଣ୍ଣ ଓ ନାତି ସନ୍ତୋଷ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ତେବେ କେଉଁ କାରଣରୁ ମୃତ୍ୟୁ ହେଲା, ସେମାନେ ନିଜେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଛି ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ ।ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି । ତେବେ ବନ୍ଦ ଘର ବାହାରେ ବୃଦ୍ଧା ମାଆ ରହିଥିବା ବେଳେ ସସପେନ୍ସ ବୃଦ୍ଧି ପାଇଛି ।

## ବେଆଇନ ଭାବେ ବିଏମସି ଅଞ୍ଚଳରେ ବିଡିଏ ଦେଉଛି ଘର ପ୍ଲାନ ଅନୁମୋଦନ

ଭୁବନେଶ୍ୱର,୧୫।୨(ପି.ଏନ): ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକୁ ବିଡିଏର ବେଖାତିର । ଘରର ପ୍ଲାନ ଅନୁମୋଦନ ୨୦୧୫ରୁ ବିଏମସି ପାଖକୁ ଯାଇଥିଲେ ମଧ୍ୟ ବିଡିଏ ଚଲାଇଛି ମନମାନି । ମନଇଚ୍ଛା ବେଆଇନ ଭାବେ ବିଏମସି ଅଞ୍ଚଳରେ ବିଡିଏ ଦେଉଛି ଘର ପ୍ଲାନ ଅନୁମୋଦନ । ବିଏମସିକୁ କ୍ଷମତା ଯିବା ପରଠାରୁ ବିଡିଏ ପ୍ରାୟ ୨୮୫୮ ପ୍ରକଳ୍ପକୁ ଅନୁମୋଦନ ଦେଇଛି । ବିଡିଏ ଓ ବିଏମସି କଳିରେ ଫସୁଛନ୍ତି ସାଧାରଣ କ୍ରେତା । ଏହି ୨୮୫୮ ପ୍ରକଳ୍ପର ଭାଗ୍ୟକୁ ନେଇ ଦେଖାଦେଇଛି ଅନିଶ୍ଚିତତା ।ବିଡିଏ-ବିଏମସି କଳିରେ ଫସୁଛନ୍ତି ଘର କ୍ରେତା । ନଗର ଉନ୍ନୟନ ବିଭାଗର ଦୁଇ ଏଜେନ୍ସି ମଧ୍ୟରେ ନାହିଁ ତାଳମେଳ । ଘର ପ୍ଲାନ ଅନୁମୋଦନ ବିବାଦ ଘେରରେ ୨୮୫୮ ପ୍ରକଳ୍ପ । ୨୦୧୫ ମସିହାରୁ ରାଜ୍ୟ ସରକାର ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ମଜବୁତ କରିବାକୁ ଘର ପ୍ଲାନ ଅନୁମୋଦନ କ୍ଷମତା ବିଏମସିକୁ ଦେଇଥିଲେ । ସରକାରଙ୍କ ବିଜ୍ଞପ୍ତି ସତ୍ତ୍ୱେ ଘର ପ୍ଲାନ ଦେଇ କ୍ରୀମ ଖାଉଥିବା ବିଡିଏ ଏହାକୁ ଛାଡିଲା ନାହିଁ । ମନଇଚ୍ଛା ଜୋରଜବରଦସ୍ତ ବିଏମସି ଏରିଆରେ ବିଡିଏ ପ୍ଲାନ ଅନୁମୋଦନ କରିଚାଲିଲା । ବିଏମସି ଅଧୀନରେ ଥିବା ବିଡିଏର ନିଜ ପ୍ରୋଜେକ୍ଟ ଦୟା ଏନକ୍ଲେଭର କେଳେଙ୍କାରୀକୁ ରେରା ଧରିବା ପରେ କଥା ସାମ୍ନାକୁ ଆସିଲା ସତ, ହେଲେ ସୁଧୁରିଲା ନାହିଁ ବିଡିଏ । ଏବେ ବିଡିଏରୁ ମିଳିଥିବା ତଥ୍ୟ ଅନୁସାରେ ବିଏମସିକୁ କ୍ଷମତା ଗଲା ପରେ ବି ବିଡିଏ ୨୮୫୮ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛି, ଯାହା ସମ୍ପୂର୍ଣ୍ଣ ବେଆଇନ । ଏହା ବାବଦକୁ ବିଡିଏ ୪୮ କୋଟି ୧୪ ଲକ୍ଷ ଟଙ୍କା ଆଦାୟ କରିଛି । ଯାହା ବିଏମସିକୁ ହରାଇବାକୁ ପଡିଛି । ଏହି ସବୁ ପ୍ରକଳ୍ପର ଭବିଷ୍ୟତ ଓ ଆଇନଗତ ଦିଗ ନେଇ ପ୍ରଶ୍ନ ଉଠାଇଛନ୍ତି ଆର୍କିଟେକ୍ଟ ।ବଢି ଚାଲିଛି ରାଜଧାନୀ ଭୁବନେଶ୍ୱରର କଳେବର । ଭୁବନେଶ୍ୱରରେ ଘର ଖଣ୍ଡିଏ କିଣିବାକୁ ଲୋକେ ଜୀବନ ଯାକର ରୋଜଗାର ଲଗାଉଛନ୍ତି । ହେଲେ ପ୍ରଶାସନିକ ଉଦାସୀନତା ଏବଂ ଦ୍ୱନ୍ଦ୍ୱ ଯୋଗୁଁ ଘର କରିବା ପରେ ବି ଆଇନର ଜାଲରୁ ମୁକୁଳି ପାରୁନାହାନ୍ତି । ବିଏମସି ଏରିଆରେ ଘର କଲେ କିଏ ଦେବ ପ୍ଲାନ ଅନୁମୋଦନ ? ବିଡିଏ ନା ବିଏମସି ? ଏହା ସାଧାରଣ କ୍ରେତାଟିଏ ଜାଣିବ କିପରି ? ପ୍ଲାନ ଅନୁମୋଦନ ବାବଦକୁ ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତିକୁ ବିଡିଏ ମାନୁ ନଥିବା ବେଳେ ବିଏମସି ବି ଚୁପ୍ ବସିଛି । ଜାଗା କିଣିବା ଠାରୁ ଆରମ୍ଭ କରି ଘରର ପ୍ଲାନ ଅନୁମୋଦନ, ବିଭାଗୀୟ କ୍ଲିୟରାନ୍ସ, ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା ଯାଏଁ ସବୁଠି ଫସୁଛନ୍ତି ଘର କ୍ରେତା । ଯଦିଓ ରେରା କୋର୍ଟର କଡା ଆଭିମୁଖ୍ୟ ପରେ ସ୍ଥିତିରେ କିଛିଟା ସୁଧାର ଆସିଛି, ହେଲେ ବିଏମସି ବଦଳରେ ବିଡିଏ ଦେଇଥିବା ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ଘେରକୁ ଚାଲିଯାଇଛି । ୨୦୧୫ରୁ ବିଡିଏ ଦେଇଥିବା ୨୮୫୮ଟି ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ସାଧାରଣ ଲୋକଙ୍କର ହୋଇଥିବା ବେଳେ ବଡ ବଡ ଆପାର୍ଟମେଣ୍ଟ ବି ଏଥିରେ ରହିଛି । ଏସବୁ ପ୍ରକଳ୍ପ ଆଇନର ଜାଲରେ ଛନ୍ଦି ହେବାକୁ ଯାଉଥିବା ବେଳେ ବେଫିକର ହୋଇ ବସି ରହିଛି ନଗର ଉନ୍ନୟନ ବିଭାଗ । ୨୦୧୭ ପୂର୍ବର ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ କୌଣସି ସମସ୍ୟା ନାହିଁ ବୋଲି ବିଭାଗୀୟ ବିଜ୍ଞପ୍ତି ଉପରେ ଏବେ ହାଇକୋର୍ଟରେ ରହିତାଦେଶ ହୋଇଛି । ଏଭଳି ଏହିସବୁ ବେଆଇନ ପ୍ରକଳ୍ପ ଉପରେ ଆଗକୁ କ'ଣ ପଦକ୍ଷେପ ନିଆଯିବ, ତାକୁ ନେଇ ସଂଶୟରେ ରହିଛନ୍ତି ହଜାର ହଜାର କ୍ରେତା ।

## ସମସ୍ତେ ଜାଣିବେ ରତ୍ନଭଣ୍ଡାରରେ କ'ଣ ଅଛି



ପୁରୀ,୧୫।୨(ପି.ଏନ):ସାର୍ବଜନୀନ ହେବ ରତ୍ନ ଭଣ୍ଡାର ଅଳଙ୍କାର। ମହାପ୍ରଭୁଙ୍କର କେତେ ଅଳଙ୍କାର ଅଛି ପୂର୍ବରୁ ଯାହା ଅଳଙ୍କାର ଥିଲା ତାହା ସୁରକ୍ଷିତ ଅଛି କି ନାହିଁ। ସେ ସବୁ ତଥ୍ୟ ଲୋକଙ୍କ ସାମ୍ନାକୁ ଆସିବ। ରତ୍ନଭଣ୍ଡାର ଭିତରେ କଣ ଅଛି ତାହା ସମସ୍ତେ ଜାଣିବେ। ଏନେଇ ନିଜେ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବିଧାନସଭାରେ ଲିଖିତ ଉତ୍ତରରେ ଏନେଇ ନିଜେ କହିଛନ୍ତି ଆଇନ ମନ୍ତ୍ରୀ। ଏବେ ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ଚାଲୁ ରହିଛି। ମରାମତି ସରିବା ପରେ ଗଣତି ମଣତି ହୋଇ ସବୁ ତଥ୍ୟ ସାର୍ବଜନୀନ ହେବ ।ସାର୍ବଜନୀନ ହେବ ଅଳଙ୍କାର: ଯଦି ଦେଖିବା ଶେଷ ଥର ପାଇଁ ୧୯୭୮ ମସିହାରେ ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି ହୋଇଥିଲା। ତା ପରଠାରୁ ଦୀର୍ଘ ବର୍ଷ ହେବ ଭଣ୍ଡାର ଅଳଙ୍କାରର ଗଣତି ମଣତି ହୋଇନାହିଁ ।ହେଲେ ବିଜେପି ସରକାର ଏହି କାର୍ଯ୍ୟ କରିବାକୁ ଯାଉଛି। ମହାପ୍ରଭୁଙ୍କ ପ୍ରତ୍ୟେକ ଅଳଙ୍କାର ସୁରକ୍ଷିତ ଅଛି କି ନାହିଁ। ପୂର୍ବରୁ ଗଣତି ସମୟରେ ଯେତିକି ତଥ୍ୟ ମିଳିଥିଲା ଏବେ ସେହି ତଥ୍ୟ ଠିକ୍ ଅଛି ନା ସେଥିରେ କିଛି ଗଡ଼ବଡ଼ ହୋଇଛି। ସମସ୍ତ ଘଟଣା ଲୋକଲୋଚନକୁ ଆସିବ ।ବିଜେଡି ପାରିଲାନି ବିଜେପି କରି ଦେଖାଇଲା: ବିଜେଡି ଦୀର୍ଘ ବର୍ଷ ଧରି ରାଜ୍ୟରେ କ୍ଷମତାରେ ରହିଲା। ହେଲେ ୨୪ ବର୍ଷ କାଳ ସରକାରରେ ରହି ସୁଦ୍ଧା ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି କରିପାରିଲା ନାହିଁ। ଗଣତି କରିବା ତ ଦୂରର କଥା। ରତ୍ନଭଣ୍ଡାରର ଦ୍ୱାର ମଧ୍ୟ ଖୋଲି ପାରିଲା ନାହିଁ। ହେଲେ ବିଜେପି ନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶୃତି ଦେଇଥିଲା ତାହା କରିଦେଖାଇଲା। କ୍ଷମତାକୁ ଆସିବାର ମାସକ ମଧ୍ୟରେ ରତ୍ନଭଣ୍ଡାରର ଦ୍ୱାର ଖୋଲିଲା। ଆଉ ଅଳଙ୍କାର ସବୁକୁ ଏକ ଅସ୍ଥାୟୀ ଭଣ୍ଡାରରେ ରଖାଯାଇ ଭଣ୍ଡାର ଗୃହର ମରାମତି କାର୍ଯ୍ୟ ଚାଲୁ ରହିଲା। ଲିଖିତ ଉତ୍ତର ରଖିଲେ ମନ୍ତ୍ରୀ: ଆଉ ଆଜି ଯେତେବେଳେ ବିଧାନସଭାରେ ବିଜେଡି ବିଧାୟକ ତୁଷାରକାନ୍ତି ବେହେରା ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି ନେଇ ପ୍ରଶ୍ନ ରଖିଥିଲେ। ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ଆଇନମନ୍ତ୍ରୀ।
ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ଦେବାକୁ ଯାଇ କହିଥିଲେ ରତ୍ନଭଣ୍ଡାରରେ କେତେ ଅଳଙ୍କାର ଅଛି, ତାହା ସାର୍ବଜନୀନ ହେବ। ଗଣତି ମଣତି ଶେଷ ହେବା ପରେ ଅଳଙ୍କାର ନେଇ ତଥ୍ୟ ଦିଆଯିବ। ଏବେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଚାଲୁ ରହିଛି। ଶେଷ ହେବା ପରେ ଗଣତି ମଣତି କରାଯିବ।

## ୩୧,୪୫୬ ଅଙ୍ଗନବାଡି କେନ୍ଦ୍ରରେ ନାହିଁ ବିଦ୍ୟୁତ ସଂଯୋଗ: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା



ଭୁବନେଶ୍ୱର,(ପି.ଏନ): ରାଜ୍ୟର ୨୧ ହଜାର ୪୮୬ ଅଙ୍ଗନବାଡି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ। ୩୧ ହଜାର ୪୫୬ଟି ଅଙ୍ଗନବାଡି କେନ୍ଦ୍ରରେ ନାହିଁ ବିଦ୍ୟୁତ ସଂଯୋଗ। ୪୬ ହଜାର ୭୩୬ ଅଙ୍ଗନବାଡି କେନ୍ଦ୍ରରେ ପାଚେରି ନାହିଁ। ରାଜ୍ୟରେ ସବୁଦାୟ ୭୪ ହଜାର ୧୯୨ଟି ଅଙ୍ଗନବାଡି କେନ୍ଦ୍ର ଅଛି। ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଲିଖିତ ଉତ୍ତର ରଖିଛନ୍ତି ।ଅତିଥି ଅଧ୍ୟାପକଙ୍କ ଭରସାରେ ରାଜ୍ୟର ନାମକରା ବିଶ୍ୱବିଦ୍ୟାଳୟ । ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୯୬୩ ଜଣ ଜଣ ଅତିଥି ଅଧ୍ୟାପକ ପାଠ ପଢାଉଛନ୍ତି । ଏନେଇ ଆଜି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ।ମିଳିଥିବା ସୂଚନା ମୁତାବକ, ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ର ବିଧାନସଭାରେ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ପଦବୀକୁ ନେଇ ପ୍ରଶ୍ନ କରିଥିଲେ । ଯାହାର ଉତ୍ତର ରଖିଥିଲେ ଉଚ୍ଚଶିକ୍ଷା ମନ୍ତ୍ରୀ ।

## ପଙ୍କଜ ଲୋଚନ ମହାନ୍ତି ହେଲେ ଓସିଏ ନୂଆ ସଭାପତି

କଟକ,୧୫।୨(ପି.ଏନ): ଓସିଏର ନୂଆ ସଭାପତି ଭାବେ ନିର୍ବାଚିତ ହେଲେ ପଙ୍କଜ ଲୋଚନ ମହାନ୍ତି । ଖାଲି ପଡ଼ିଥିବା ସଭାପତି ପଦ ପାଇଁ ସେ ଏକାକୀ ନାମାଙ୍କନ ଦାଖଲ କରିଥିଲେ । ତାହା ଭ୍ୟାଲିଡ୍ ବି ରହିଥିଲା । ଆଉ କେହି ନାମାଙ୍କନ ଦାଖଲ କରି ନଥିବାରୁ ପଙ୍କଜ ଓସିଏର ସଭାପତି ହେବା ନିଶ୍ଚିତ ।କେବଳ ଆନୁଷ୍ଠାନିକ ଘୋଷଣା ବାକି ରହିଛି । ଆଗରୁ ସେ ଓସିଏର ଉପସଭାପତି ଥିଲେ । ଏହି ପଦରୁ ଇସ୍ତଫା ଦେଇ ସେ ନୂଆ ପଦ ଗ୍ରହଣ କରିବେ । ଆସନ୍ତା ଫେବୃଆରୀ ୨୩ ରେ ତାଙ୍କୁ ଏ ସଂପର୍କିତ ସାର୍ଟିଫିକେଟ ଦିଆଯିବ ।



## ଅଟୋ ଡ୍ରାଇଭରଙ୍କ ଚାପୁଡାରେ ଆଖି ବୁଜିଲେ ପୂର୍ବତନ ବିଧାୟକ

ଭୁବନେଶ୍ୱର,୧୫।୨(ପି.ଏନ): ଚାପୁଡା ମାଡରେ ବି ହୋଇପାରେ ମୃତ୍ୟୁ। ଏପରି ଏକ ଘଟଣା କର୍ଣ୍ଣାଟକାର ବେଲାଗାଭିରେ ଦେଖିବାକୁ ମିଳିଛି। ଜଣେ ଅଟୋ ଡ୍ରାଇଭରଙ୍କ ଶକ୍ତ ଚାପୁଡା ଯୋଗୁ ପ୍ରାଣ ହରାଇଛନ୍ତି ଗୋଆର ଜଣେ ପୂର୍ବତନ ବିଧାୟକ। ପ୍ରାଣ ହରାଇଥିବା ପୂର୍ବତନ ବିଧାୟକ ଜଣଙ୍କ ହେଲେ ୬୮ ବର୍ଷୀୟ ଲାଭୋ ସୂର୍ଯ୍ୟଜୀ ମାମଲେଦାର। ଗୋଟିଏ ଛୋଟ ଦୁର୍ଘଟଣାକୁ ନେଇ ମାମଲେଦାର ଓ ଅଟୋ ଡ୍ରାଇଭରଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିଯୋଗୁ ଅଟୋ ଡ୍ରାଇଭର ଜଣଙ୍କୁ ତାଙ୍କୁ ଚାପୁଡା ପରେ ଚାପୁଡା ମାରିଥିଲେ। ଏହାର କିଛି ସମୟ ପରେ ମାମଲେଦାରଙ୍କ ମୃତ୍ୟୁ ହୋଇଛି।୨୦୧୨ରୁ ୨୦୧୭ ଯାଏ ପୋଣ୍ଡା ନିର୍ବାଚନ ମଣ୍ଡଳୀରୁ ମାମଲେଦାର ଗୋଆ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ବ୍ୟବସାୟିକ କାମରେ କର୍ଣ୍ଣାଟକାର ବେଳଗାଭି ଯାଇଥିଲେ। ଖାଡେ ବଜାର ସ୍ଥିତ ଶ୍ରୀନିବାସ ଲଜ୍ ?ରେ ସେ ରୁମ ମଧ୍ୟ ବୁକ କରିଥିଲେ। ସେଠାକୁ ସେ ନିଜ କାରରେ ଯାଉଥିବା ବେଳେ ଗୋଟିଏ ଛୋଟିଆ ଗଳି ପଡିଥିଲା। ଏହି ଗଳିରେ ଯାଉଥିବା ବେଳେ ଗୋଟିଏ ଅଟୋରେ ତାଙ୍କ କାର ଘଷି ହୋଇଯାଇଥିଲା। ଏହାକୁ ନେଇ ଅଟୋ ଡ୍ରାଇଭର ଓ ମାମଲେଦାରଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ସ୍ଥିତି ଏତେ ବ? ଯାଇଥିଲା ଯେ ଯୁକ୍ତତର୍କରେ ରାଗି ଯାଇ ମାମଲେଦାର ପ୍ରଥମେ ଅଟୋ ଡ୍ରାଇଭର ମୁଜାହିଦ ସାନେଡିଙ୍କୁ ଗୋଟିଏ ଶକ୍ତ ଚାପୁଡା ମାରିଥିଲେ। ଏହାର ଜବାବରେ ମୁଜାହିଦ ମଧ୍ୟ ଗୋଟିଏ ଚାପୁଡା ମାରିଥିଲେ। ଦୁଇ ଜଣଙ୍କ ମଧ୍ୟରେ ମାରପିଟ ହେଉଥିବାରୁ ସ୍ଥାନୀୟ ଲୋକ ଏଥିରେ ହସ୍ତକ୍ଷେପ କରିଥିଲେ। ସେମାନେ ମୁଜାହିଦଙ୍କୁ ପଛକୁ ଭିଡି ଆଣି ଦେଇଥିଲେ। କିନ୍ତୁ ସେମାନଙ୍କୁ ଧକ୍କା ମାରି ମୁଜାହିଦ ପୁଣି ମାମଲେଦାରଙ୍କ ପାଖକୁ ଦୌଡି ଆସିଥିଲେ। ଏହାପରେ ଗୋଟିଏ ପରେ ଗୋଟିଏ ଏକାଧିକ ଚାପୁଡା ତାଙ୍କୁ ମାରିଥିଲେ।






# ଗୋଟିଏ ମିନିଟରେ କୋଟିଏ ଆୟ



ସବୁବେଳେ ଚର୍ଚ୍ଚାରେ କିପରି ରହିବାକୁ ହୁଏ, ସେ କଳା ବିଷୟରେ ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲାଙ୍କୁ ଭଲଭାବେ ଜଣା। ଉର୍ବଶୀ ଅଭିନୟ ଜଗତରେ ଏତେ ସଫଳ ହୋଇପାରି ନଥିଲେ ବି ମଡେଲିଂରେ ସେ ଅନ୍ୟମାନଙ୍କଠୁ ବହୁ ଆଗରେ। ଅନେକ ସମୟରେ ଉର୍ବଶୀ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀ ଏବଂ ଦାମୀ ଜିନିଷ ପିନ୍ଧି ଲାଇମଲାଇଟକୁ ଆସିଥାନ୍ତି। ଏବେ ସେ ନିଜର ଆୟ ବିଷୟରେ ଜଣାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଉର୍ବଶୀ ସ୍ୱୀକାର କରିଛନ୍ତି ଯେ ସେ ଗୋଟିଏ ମିନିଟରେ ୧କୋଟି ଟଙ୍କା ରୋଜଗାର କରନ୍ତି। ଏହା ସହ ସେ ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ। ତାଙ୍କର ଏଭଳି ଦାବି ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉର୍ବଶୀ ରାଉତେଲାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କ ରୋଜଗାର ଉପରେ ପ୍ରତିକ୍ରିୟା ରଖୁଛନ୍ତି। ଯେତେବେଳେ ଜଣେ ଗଣମାଧ୍ୟମ ପ୍ରତିନିଧି ଉର୍ବଶୀ ରାଉତେଲାଙ୍କୁ ପଚାରୁଛନ୍ତି ଯେ ସେ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତ୍ରୀ ହେବା ପରେ କିପରି ଅନୁଭବ ହେଉଛି ଏହାର ଉତରରେ ଉର୍ବଶୀ କହୁଛନ୍ତି, ନିଜ ଚେଷ୍ଟାରେ ସଫଳ ହୋଇଥିବା ପ୍ରତି ଅଭିନେତ୍ରୀ ଏଭଳି ଦିନ ଦେଖନ୍ତୁ ବୋଲି ମୁଁ ଚାହେଁ। ତେବେ କିଛି ଲୋକ ଉର୍ବଶୀଙ୍କ ଏଭଳି ଦାବିକୁ ନେଇ ତାଙ୍କୁ ଟ୍ରୋଲ କରୁଥିବା ଦେଖାଯାଇଛି।

# ବିଶାଳ ପୁସ୍ତକାଳୟ



ମଧ୍ୟ ପୂର୍ବ ଏସିଆର ସବୁଠୁ ବଡ଼ ଲାଇବ୍ରେରି ‘ମହମ୍ମଦ ବିନ୍ ରସିଦ୍ ଲାଇବ୍ରେରି’ ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି। ଦୁବାଇର ରାଜା ଶେକ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଏହାର ନିର୍ମାଣରେ ୨୧୫୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ହାଇଟେକ୍ ଲାଇବ୍ରେରିରେ ୧୧ ଲକ୍ଷ ପୁସ୍ତକ, ୬୦ ଲକ୍ଷରୁ ଅଧିକ ନିବନ୍ଧ, ୭୩ ହଜାର ମ୍ୟୁଜିକ୍ ନୋଟସ୍, ୭୫ ହଜାର ଭିଡିଓ, ୫ ହଜାର ପାଣ୍ଡୁଲିପି ଓ ୩୫ ହଜାର ସମ୍ବାଦପତ୍ର ସ୍ଥାନ ପାଇଛି। ଏଠାରେ ନଅଟି ବିଭାଗ ରହିଛି। ସାଧାରଣ ପୁସ୍ତକାଳୟ, ଆରବ ପୁସ୍ତକାଳୟ, ଶିଶୁ ପୁସ୍ତକାଳୟ, ମିଡିଆ ପୁସ୍ତକାଳୟ, ବ୍ୟାପାର ପୁସ୍ତକାଳୟ, ଯୁବ ପୁସ୍ତକାଳୟ, ବିଶେଷ ସଂଗ୍ରହ ପୁସ୍ତକାଳୟ, ମାନଚିତ୍ର ଓ ଆଟଲାସ୍ ପୁସ୍ତକାଳୟ ଇତ୍ୟାଦି। ବଟନ୍ ଦବାଇବା ମାତ୍ରେ ପୁସ୍ତକଗୁଡ଼ିକ ପାଖକୁ ଚାଲିଆସିଥାଏ।

# ବିଛଣା ଭାଗ କରି ମାସକୁ ରୋଜଗାର ୪୨ ହଜାର



ସାଧାରଣତଃ ଲୋକମାନେ ଘର ଭଡା ଦେଇଥାନ୍ତି। ଏଥିପାଇଁ ଭଡାରେ ରହୁଥିବା ବ୍ୟକ୍ତି ଘରମାଲିକଙ୍କୁ ଦେଇଥାନ୍ତି ଘରଭଡା। କିନ୍ତୁ କେବେ ଶୁଣିଛନ୍ତି କି ନିଜ ବେଡ୍‌କୁ ଭଡାରେ ଦେବା କଥା। ଆଜ୍ଞା ହଁ ଆପଣ ଶୁଣୁଥିବା କଥା ସତ। ଜଣେ ମହିଳା ନିଜ ବେଡର ଅଧା ଭଡାରେ ଦେଇଛନ୍ତି। ପୁଣି ସେ ରଖିଛନ୍ତି କିଛି ସର୍ତ। ଏହାସହିତ ଆଦାୟ କରୁଛନ୍ତି ମାସିକ ମୋଟା ଅଙ୍କର ଟଙ୍କା। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାଟି ଅଷ୍ଟ୍ରେଲିଆରୁ ସାମ୍ନାକୁ ଆସିଛି। ଜଣେ ଅଷ୍ଟ୍ରେଲୀୟ ମହିଳା ତାଙ୍କ ଶୋଇବା ଘରର ବେଡ୍‌କୁ ଅଧା ଭଡ଼ା ଦେଇଛନ୍ତି। ଅର୍ଥାତ୍ ବେଡ୍‌ର ଗୋଟିଏ ପାର୍ଶ୍ୱରେ ଭଡା ନେଇଥିବା ବ୍ୟକ୍ତି ଜଣକ ଶୋଇପାରିବେ ବୋଲି ସେ କହିଛନ୍ତି। ସେହି ଅଷ୍ଟ୍ରେଲୀୟାର କ୍ୱିସ୍‌ଲ୍ୟାଣ୍ଡରେ ରହୁଥିବା ଏହି ମହିଳାଙ୍କ ନାଁ ହେଉଛି ମୋନିକ୍ ଯେରେମିୟ। ମୋନିକ୍ ହେଉଛନ୍ତି ଜଣେ ମଡେଲ୍ ସେ ଏପରି ଏକ ଅଜବ ଭଡ଼ା ଦେଇଥିବା ନେଇ ଜଣାପଡ଼ିଛି। ସେ ନିଜ ବେଡ୍‌କୁ ସେ ଲୋକମାନଙ୍କୁ ଅଫର ଦେଇଥା’ନ୍ତି। ଆଉ ବେଡ୍ ସେୟାର କରି ମୋନିକ୍ ମାସିକ ୪୨ ହଜାର ଟଙ୍କା ମାସିକ ରୋଜଗାର କରନ୍ତି। ଏପରି କରି ସେ ମାସିକ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏମିତିକି ମୋନିକ୍‌ଙ୍କ ସହ ବେଡ୍ ସେୟାର କରିବାକୁ ହେଲେ କିଛି ସର୍ତ ମଧ୍ୟ ମାନିବାକୁ ପଡିବ। ସର୍ତ ଅନୁଯାୟୀ ବେଡ୍ ସେୟାର ସମୟରେ କୌଣସି ବ୍ୟକ୍ତି ରୋମାଂଟିକ୍ ବ୍ୟବହାର କରିପାରିବେ ନାହିଁ। ଏମିତିକି ଶୋଇବା ସମୟରେ ଶାରୀରିକ ସମ୍ପର୍କ ରଖିପାରିବେ ନାହିଁ ବୋଲି କହିଥିଲେ ମୋନିକ। ମୋନିକ୍‌ଙ୍କ କହିବା ଅନୁଯାୟୀ କରୋନା ସମୟରେ ସେ ଏକୁଟିଆ ରହୁଥିଲେ। ତେଣୁ ସେହି ସମୟରେ ସେ ଏକୁଟିଆ ଅନୁଭବ ନକରିବାକୁ ଏପରି ଏକ ଚିନ୍ତା କରିଥିଲେ। ଫଳରେ ବେଡ୍‌ର ଅଧା ସେୟାର କରିଥିଲେ। ଆଉ ଏଥିରୁ ସେ ଭଲ ରୋଜଗାର ମଧ୍ୟ କରିପାରିଛନ୍ତି।

# ଶବକୁ ପୋତିବା ବଦଳରେ ଜଙ୍ଗଲରେ ଅବକ୍ଷୟ ହେବାକୁ ଛାଡ଼ନ୍ତି

ଇଣ୍ଡୋନେସିଆର ବାଲି ଦ୍ୱୀପ ଅନ୍ତର୍ଗତ ବାତୁର ହ୍ରଦର ପୂର୍ବ ଉପକୂଳରେ ରହିଛି ତ୍ରୁନ୍ୟାନ୍ ଗାଁ। ସେଠାରେ ପର୍ବତ ପରିବେଷ୍ଟିତ ପରିବେଶରେ ‘ବାଲି ଆଗା’ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହୁଥିବା ଏହି ଲୋକମାନେ ସେମାନଙ୍କର ଐତିହ୍ୟର ଅନେକ ଉପାଦାନ ସଂରକ୍ଷିତ କରି ରଖିଛନ୍ତି। ସେଥି ମଧ୍ୟରେ ରହିଛି ସେମାନଙ୍କର ଶବ ସତ୍କାରର ବିଚିତ୍ର ପରମ୍ପରା। ସେମାନେ ଶବଗୁଡ଼ିକୁ କବର ଦେବା କି ଦାହ କରିବା ପରିବର୍ତ୍ତେ ଜଙ୍ଗଲ ଭିତରେ ପ୍ରାକୃତିକ ଭାବେ ଅବକ୍ଷୟ ହେବାକୁ ଛାଡ଼ିଦିଅନ୍ତି। ଅବଶ୍ୟ ଶାଗୁଣା, କାଉ ଓ ଚିଲମାନଙ୍କ ଠାରୁ ସୁରକ୍ଷା ଦେବା ପାଇଁ ବାଲି ଆଗା ଲୋକମାନେ ଶବକୁ ବାଉଁଶ ତାଟି ଦ୍ୱାରା ଘୋଡ଼ାଇ ରଖିଥା’ନ୍ତି। ଦେହରୁ ମାଂସ ଶଢ଼ି ଝଡ଼ିଗଲା ପରେ ଖପୁରି ଓ ଅସ୍ଥିଗୁଡ଼ିକୁ ଉଦ୍ଧାର କରି ନୂତନ ଜୀବନ ଆଶାରେ ସେଗୁଡ଼ିକୁ ପଥର ଚଟାଣ ଉପରେ ରଖାଯାଏ। ଏହି ସମ୍ପ୍ରଦାୟର ଶବସତ୍କାର ସ୍ଥଳକୁ ଆସୁଥିବା ପର୍ଯ୍ୟଟକମାନେ ଶବରୁ ପଚାଶଢ଼ା ଗନ୍ଧ ବାହାରୁନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥା’ନ୍ତି। ଏହା ପଛରେ ରହିଛି ନିକଟରେ ଥିବା ଏକ ପ୍ରକାର ବଟବୃକ୍ଷ ଯାହାକୁ ସେମାନେ ‘ମେନ୍ୟାନ୍ ତରୁ’ ବା ସୁଗନ୍ଧି ବୃକ୍ଷ କହିଥା’ନ୍ତି। ଏହି ଗଛର ସୁବାସ ଶବର ଦୁର୍ଗନ୍ଧକୁ ଦୂର କରିଦେଇଥାଏ। ଉକ୍ତ ଗାଁରେ ସେପରି ତିନିଟି ଶବସତ୍କାର ସ୍ଥଳ ରହିଛି। ଶିଶୁ, ଦୁର୍ଘଟଣାରେ ମୃତ ଓ ଆତ୍ମହତ୍ୟା କରିଥିବା ଲୋକଙ୍କ ପାଇଁ ସେଠାରେ ସ୍ଥାନ ମିଳିନଥାଏ। ପ୍ରତି ଶବସତ୍କାର ସ୍ଥଳରେ ଏଗାରଟି ଲେଖାଏଁ ବାଉଁଶ ତାଟି ଓ ତାଳ ବାହୁଙ୍ଗା ଘେରା ଗମ୍ବୁଜ ରହିଥାଏ। ତହିଁରେ ଗୋଟିଏ ଶବ ଶଢ଼ିଲା ପରେ ଅସ୍ଥି ସଂଗ୍ରହ କରାଯାଇ ନୂତନ ଶବକୁ ରଖାଯାଇଥାଏ। ବେଳେ ବେଳେ ଶବ ପାଇଁ ସ୍ଥାନ ନମିଳିଲେ ତାହାକୁ ସେମାନେ ଘରେ ରଖି ଅପେକ୍ଷା କରିଥା’ନ୍ତି ଏବଂ ଶବକୁ ପଚିବାକୁ ନଦେବା ଲାଗି ଫର୍ମାଲଡିହାଇଡ୍‌ର ବ୍ୟବହାର କରିଥା’ନ୍ତି। ସତ୍କାର ସ୍ଥଳରେ ପଚା ଗନ୍ଧ ନ ଆସିବା ପଛରେ ଫର୍ମାଲଡିହାଇଡ୍‌ର ମଧ୍ୟ ଭୂମିକା ରହିଛି ବୋଲି ଅନୁମାନ କରାଯାଏ।

# ‘ଆଶିକ୍-୩’ରେ ଆକାଂକ୍ଷା



ଫିଲ୍ମ ‘ଆଶିକି-୩’ ଘୋଷଣା ହେବା ପରେ ନିର୍ମାତା ଏହାର ମୁଖ୍ୟ ନାୟିକା ଖୋଜିବାରେ ଲାଗିପଡ଼ିଛନ୍ତି। ବର୍ତମାନ ଫିଲ୍ମର ଜଣେ ନୂଆ ଅଭିନେତ୍ରୀଙ୍କ ନାଁ ସାମ୍ନାକୁ ଆସିଛି। ଗଣମାଧ୍ୟମ ସୂଚନାଅନୁସାରେ, ‘ଆଶିକି-୩’ରେ ଅଭିନେତା କାର୍ତିକ ଆର୍ଯ୍ୟନଙ୍କ ଅପୋଜିଟ୍‌ରେ କନ୍ନଡ଼ ଅଭିନେତ୍ରୀ ଆକାଂକ୍ଷା ଶର୍ମାଙ୍କୁ କାଷ୍ଟ କରାଇପାରେ। ଆକାଂକ୍ଷା ଏ ନେଇ ଫିଲ୍ମମେକରଙ୍କୁ ଅନେକ ଥର ଭେଟି ଆଲୋଚନା କରିଛନ୍ତି। ଯଦି ସବୁ ଠିକ୍ ରୁହେ, ତେବେ ସେ ‘ଆଶିକି’ର ତୃତୀୟ ସଂସ୍କରଣରେ ମୁଖ୍ୟ ନାୟିକା ହେବେ। ତେବେ ଫିଲ୍ମମେକର ଅଦ୍ୟାବଧି ଏ ନେଇ ଔପଚାରିକ ଘୋଷଣା କରିନାହାନ୍ତି। ମିଡିଆ ରିପୋର୍ଟ ଅନୁସାରେ, ଫିଲ୍ମ ପାଇଁ ନିର୍ମାତା ନୂଆ ଚେହେରା ଖୋଜୁଛନ୍ତି। ଆଶିକି ଫ୍ରାଂଚାଇଜିରେ ଆରମ୍ଭରୁ ନୂଆ ଚେହେରାଙ୍କୁ କାଷ୍ଟ କରାଯାଇଛି। ରାହୁଲ ରୟ ଓ ଅନୁ ଅଗ୍ରୱାଲ ହୁଅନ୍ତୁ ବା ଆଦିତ୍ୟ ରୟ କପୁର ଓ ଶ୍ରଦ୍ଧା କପୁର, ଏମାନଙ୍କ ତାଜା ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଚର୍ଚ୍ଚା ହେଉଛି, କାର୍ତିକଙ୍କ ସହ ଆକାଂକ୍ଷାଙ୍କ କେମିଷ୍ଟ୍ରି ବହୁତ ଭଲ ହେବ। ଏହା ପୂର୍ବରୁ ଟିଭି ଅଭିନେତ୍ରୀ ଜେନିଫର ୱିଙ୍ଗେଟ୍, ସାରା ଅଲି ଖାନ୍, କ୍ୟାଟ୍ରିନା କୈଫ୍ ଓ ଦୀପିକାଙ୍କ ସମେତ ଅନେକ ଅଭିନେତ୍ରୀଙ୍କ ନାଁ ଫିଲ୍ମର ଲିଡ୍ ଲେଡି ପାଇଁ ସାମ୍ନାକୁ ଆସିଛି। ତେବେ ଅଦ୍ୟାବଧି କାହା ନାଁରେ ମୋହର ବାଜିନି। ଆକାଂକ୍ଷା ଜଣେ ମଡେଲ ଓ କନ୍ନଡ଼ ଫିଲ୍ମ ଅଭିନେତ୍ରୀ। ମଡେଲିଂରୁ ସେ କ୍ୟାରିଅର ଆରମ୍ଭ କରିଥିଲେ। ୨୦୨୦ ମସିହାରେ ରିଲିଜ୍ ହୋଇଥିବା କନ୍ନଡ଼ ଫିଲ୍ମ ‘ତ୍ରିବିକ୍ରମ’ ଜରିଆରେ ସେ ସିନେ କ୍ୟାରିଅର ଆରମ୍ଭ କରିଥିଲେ। ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ମ୍ୟୁଜିକ୍ ଭିଡିଓ ‘ଡିସ୍କୋ ୮୨’ରେ ମଧ୍ୟ କାମ କରିଥିଲେ। ଏହା ପରେ ଉଭୟଙ୍କ ଡେଟିଂ




# ପଞ୍ଚସାଗର ଶକ୍ତିପୀଠ, ବାରଣାସୀ




ପଞ୍ଚସାଗର ଶକ୍ତିପୀଠ ହିନ୍ଦୁ ମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଗୋଟିଏ। ଏହି ଶକ୍ତିପୀଠ ଉତ୍ତରପ୍ରଦେଶ ରାଜ୍ୟର ବାରଣାସୀରେ ଅବସ୍ଥିତ। ପଞ୍ଚସାଗର ମନ୍ଦିରରେ ମାତା ସତୀଙ୍କୁ ବରାହୀ ରୂପରେ ପୂଜା କରାଯାଏ। ହିନ୍ଦୁ ଧର୍ମରେ ବରାହୀ ମାତାଙ୍କୁ ତିନି ଶ୍ରେଣୀରେ ପୂଜା କରାଯାଏ, ଶକ୍ତିସ୍ମ(ଦେବୀଙ୍କୁ ପୂଜା କରାଯାଏ), ଶୈବୀସ୍ମ(ଭଗବାନ ଶିବଙ୍କୁ ପୂଜା କରାଯାଏ) ଓ ବୈଷ୍ଣବୀସ୍ମ(ଭଗବାନ ବିଷ୍ଣୁଙ୍କର ପୂଜା କାଯୋଏ। ପଞ୍ଚସାଗର ମନ୍ଦିରର ବାସ୍ତୁକଳା ଖୁବ୍ ସୁନ୍ଦର ଓ ମନୋରମ। ମନ୍ଦିରରେ ଉପଯୋଗ ହୋଇଥିବା ପଥର ଗୁଡ଼ିକ ବାସ୍ତବରେ ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର। ଏହି ପଥର ଗୁଡ଼ିକ ସୂର୍ଯ୍ୟ କିରଣରେ ଚମକ ସୃଷ୍ଟି କରେ। ଏହି ମନ୍ଦିରର ମୁଖ୍ୟ ବିଶେଷତା ହେଲା ଯେ, ଏହି ମନ୍ଦିର କେବଳ ସକାଳ ବେଳା ମାତ୍ର ଦୁଇଘଣ୍ଟା ପାଇଁ ଖୋଲାରୁହେ। ବାକି ପୂରାଦିନ ବନ୍ଦ ରୁହେ। କୁହାଯାଏ ଯେ, ରାତିରେ ମାତା ବରାହୀ ବାରଣାସୀକୁ ସୁରକ୍ଷା ଦିଅନ୍ତି। ପୌରାଣିକ କଥା ଅନୁସାରେ ଦେବୀ ବରାହୀ ଶବ୍ଦକୁ ଶକ୍ତି ରୂପରେ ପୂଜା କରାଯାଏ। ସେହିପରି ବରାହୀ ଶବ୍ଦ ଭଗବାନ ବିଷ୍ଣୁଙ୍କ ବରାହ ଅବତାରରୁ ସୃଷ୍ଟି ହୋଇଛି। ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଅନ୍ୟତମ। ଏହି ମନ୍ଦିରରେ ଶକ୍ତିଙ୍କୁ "ବରାହୀ" ରୂପରେ ପୂଜା କରାଯାଏ ଓ ଭଗବାନ ଶିବଙ୍କୁ "ମହାରୁଦ୍ର" ରୂପରେ ପୂଜା କରାଯାଏ। "ମହାରୁଦ୍ର"ର ଅର୍ଥ ପ୍ରଚଣ୍ଡ ରାଗିବାର ଅବତାର। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ।



ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱୟଂ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେଥିରେ ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମାହୂତ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେ ହିଁ ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ବାରଣାସୀରେ ମାତା "ବରାହୀ" ଦେବୀଙ୍କ ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଏଠାକାର ଯେଉଁ ସ୍ଥାନରେ ମାତା ସତୀଙ୍କର "ବରାହୀ"ଦେବୀଙ୍କ ଶକ୍ତିପୀଠ ରହିଛି, ସେଠାରେ ମାତା ସତୀଙ୍କର 'ତଳଦାନ୍ତ ଖଣ୍ଡ' ପଡ଼ିଥିଲା। ପଞ୍ଚସାଗର ଶକ୍ତିପୀଠରେ ସବୁ ପର୍ବପର୍ବାଣୀ ଆନନ୍ଦ-ଉଲ୍ଲାସର ସହ ପାଳିତ ହୁଏ। ବିଶେଷ କରି ଶିବରାତ୍ରି, ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ସମୟରେ ମାତାଙ୍କର ସ୍ୱତନ୍ତ୍ର ପୂଜା ଆୟୋଜନ ହୋଇଥାଏ। ପର୍ବ ଦିନ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସଜାଯାଏ। ବର୍ଷର ସବୁ ସମୟରେ ମାତା "ବରାହୀ"ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।





Panchsagar Shakti Peeth, Uttar Pradesh

# ରାଜ୍ୟପାଳଙ୍କ ଭୂମିକା ନିର୍ବିବାଦୀୟ ହେଉ !

ରାଜ୍ୟପାଳ ପଦବୀକୁ ନେଇ ଆମ ଦେଶରେ ବିବାଦ କିଛି ନୂଆ କଥା ନୁହେଁ। ଦେଶ ସ୍ୱାଧୀନ ହେବା ପରଠାରୁ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଲାଗି ରହିଛି। ଯେଉଁଠି ବିରୋଧିଦଳର ସରକାର ରହିଛି, ସେହି ରାଜ୍ୟରେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଥାଏ, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଏବେ କେରଳରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଚରମ ସୀମାରେ ପହଁଚିଥିବାବେଳେ ହାଇକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡିଛି। କେରଳର ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ରାଜ୍ୟପାଳ ଅରିଫ ମହମ୍ମଦ ଖାଁନ ବରଖାସ୍ତ କରିବା ପରେ ରାଜ୍ୟପାଳ- ରାଜ୍ୟ ସରକାର ମୁହାଁମୁହିଁ ହୋଇଛନ୍ତି। କହିବା ବାହୁଲ୍ୟ ଯେ, ରାଜ୍ୟପାଳ ହେଉଛନ୍ତି ବିଶ୍ୱବିଦ୍ୟାଳୟଗୁଡିକର କୁଳାଧିପତି। ସେ ବିଶ୍ୱବିଦ୍ୟାଳୟଗୁଡିକର କୁଳପତିଙ୍କୁ ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ ନିଯୁକ୍ତି ଦେଇଥାନ୍ତି। ସେହିପରି ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ କୁଳପତିମାନଙ୍କୁ ବହିଷ୍କାର କିମ୍ୱା କାର୍ଯ୍ୟରୁ ଅନ୍ତର କରିଥାନ୍ତି। କେରଳରେ ଏବେ ବାମପନ୍ଥୀ ସରକାର କ୍ଷମତାସୀନ ଥିବାବେଳେ ଶ୍ରୀ ଖାନ ହେଉଛନ୍ତି କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳ। କେବଳ କୁଳାଧିପତିଙ୍କୁ ବରଖାସ୍ତ ନୁହେଁ, ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟପାଳଙ୍କ ସହ ରାଜ୍ୟ ସରକାର ମୁହାଁମୁହିଁ ହୋଇଛନ୍ତି। ତେବେ ସର୍ବଶେଷ ବିବାଦ ହେଉଛି କୁଳାଧିପତିଙ୍କୁ ନେଇ। ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡିକରେ ନୂତନ କୁଳପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସମସ୍ତ ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଇସ୍ତଫା ଦେବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ମୁଖ୍ୟମନ୍ତ୍ରୀ କେ. ବିଜୟନଙ୍କ ସରକାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଚୂଡାନ୍ତ ଶୁଣାଣୀ ନହେବା ପର୍ଯ୍ୟନ୍ତ କୁଳପତିମାନେ ନିଜ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟପାଳଙ୍କ କୁଳାଧିପତି ଭାବେ କୁଳପତି ନିଯୁକ୍ତି କ୍ଷମତା ରଦ୍ଦ ପାଇଁ ଏକ ବିଲ୍ ବିଧାନସଭାରେ ଗୃହିତ ହୋଇଥିବାବେଳେ ଏବେ ତାହା ରାଜ୍ୟପାଳଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ସୂଚିତ କରାଯାଇପାରେ ଯେ, ଅତୀତରେ ପଶ୍ଚିମବଙ୍ଗ ଓ ତାମିଲନାଡୁ ରାଜ୍ୟ ସରକାର ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ରାଜ୍ୟପାଳଙ୍କ କୁଳପତି ନିଯୁକ୍ତି ନେଇ ରହିଥିବା ସ୍ୱତନ୍ତ୍ର କ୍ଷମତାକୁ ପ୍ରତ୍ୟାହାର କରି ନେଇଛନ୍ତି। ଏହା ସତ୍ୟ ଯେ, ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକର ଏବଂ ତାମିଲନାଡୁର ରାଜ୍ୟପାଳ ଆର.ଏନ. ରବିଙ୍କ ସହ ରାଜ୍ୟ ସରକାରଙ୍କ ବିବାଦ କାହାରିକୁ ବୋଧହୁଏ ଅଛପା ନଥିବ। ପରିସ୍ଥିତି ଏପରି ହୋଇଥିଲା ଯେ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ, କଥା କଟାକଟି, ପ୍ରତିଦିନ ଗଣମାଧ୍ୟମର ପ୍ରମୁଖ ଖବର ପାଲଟିଥିଲା। ଆହୁରି ମଧ୍ୟ ଅତୀତରେ ମହାରାଷ୍ଟ୍ର ଓ ପୁଡୁଚେରୀ ରାଜ୍ୟପାଳଙ୍କୁ ନେଇ ବିବାଦ ଚରମସୀମାରେ ପହଁଚିଥିଲା। ଶେଷରେ କେନ୍ଦ୍ର ସରକାର ପୁଡୁଚେରୀର ତତ୍କାଳୀନ ଉପ-ରାଜ୍ୟପାଳ କିରଣ ବେଦୀଙ୍କୁ ଅପସାରଣ କରିବାକୁ ବାଧ୍ୟ ହୋଇଥିଲେ। ଏବେ ଦିଲ୍ଲୀର ନିର୍ବାଚିତ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଉପ-ରାଜ୍ୟପାଳ ମଧ୍ୟରେ କ୍ଷମତାକୁ ନେଇ ବିବାଦ ଅଦାଲତରେ ପହଁଚିଛି। ଏହା ସତ୍ୟ ଯେ, 'ରାଜ୍ୟପାଳ' ହେଉଛନ୍ତି ଏକ ସାମ୍ବିଧାନିକ ପଦବୀ। ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶକ୍ରମେ ରାଜ୍ୟପାଳ କାର୍ଯ୍ୟ କରନ୍ତି। ମାତ୍ର କେନ୍ଦ୍ରରେ କ୍ଷମତାସୀନ ଥିବା ସରକାରଙ୍କୁ ଖୁସି କରିବାକୁ ଯାଇ ରାଜ୍ୟପାଳମାନେ କାର୍ଯ୍ୟ କରିବା ଯୋଗୁଁ ବିବାଦ ଉପୁଜିବା ସ୍ୱାଭାବିକ। ଅତୀତରେ ମଧ୍ୟ ଏହି କାର୍ଯ୍ୟ କରିବା ଯୋଗୁଁ ବିବାଦ ଉପୁଜିବା ସ୍ୱାଭାବିକ। ଅତୀତରେ ମଧ୍ୟ ରାଜ୍ୟପାଳ ପଦବୀ ଉଚ୍ଛେଦ ନେଇ ଦାବି ଜୋର ଧରିଥିଲା। ଏବେ କ୍ଷମତାରେ ଥିବା ବିଜେପି ବିରୋଧିଦଳରେ ଥିବାବେଳେ ତତ୍କାଳୀନ ବିରୋଧିଦଳ ନେତା ଲାଲକୃଷ୍ଣ ଆଡଭାନୀ ରାଜ୍ୟପାଳ ପଦବୀ ଉଚ୍ଛେଦ ପାଇଁ ଦୃଢ ଦାବି କରିଥିଲେ। ଆହୁରି ମଧ୍ୟ ଏହା ନିଶ୍ଚିତ ଯେ, ରାଜ୍ୟପାଳ ପଦବୀ ଏବେ କେନ୍ଦ୍ରରେ କ୍ଷମତାସୀନ ଥିବା ସରକାରର ଏକ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ଯେଉଁଥିପାଇଁକି ଦିନକୁ ଦିନ ରାଜ୍ୟପାଳ ପଦବୀକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ରାଜ୍ୟପାଳଙ୍କ ଭୂମିକା ନିର୍ବିବାଦୀୟ ହେବା ଜରୁରୀ। ରାଜ୍ୟର ତଥା ଜନସାଧାରଣଙ୍କର ହିତ, କଲ୍ୟାଣ ପାଇଁ ରାଜ୍ୟପାଳ-ରାଜ୍ୟ ସରକାର ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ। ଯାହା ଦ୍ୱାରା ସମ୍ବିଧାନର ନିର୍ଦ୍ଦେଶ, ପବିତ୍ରତା ଅକ୍ଷୁର୍ଣ୍ଣ ରହିବ। ରାଜ୍ୟ ସରକାର-ରାଜ୍ୟପାଳ ମଧ୍ୟରେ ହେଉଥିବା ବିବାଦ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ଏବଂ ଶୁଭଙ୍କର ନୁହେଁ, ଏହା ମନେରଖିବାକୁ ହେବ। ଅନ୍ୟଥା ରାଜ୍ୟପାଳ-ରାଜ୍ୟ ସରକାରଙ୍କ ବିବାଦରେ ନିରୀହ ଜନସାଧାରଣ ବଳି ପଡିବା ସାର ହେବ।

## ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଦ୍ୱାରା ବେସିକ୍ ତାଲିମ ଶିବିର



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ତାଲିମ ଶିବିର କବ୍ ମାଷ୍ଟର ଏବଂ ରୋଭର ସ୍କାଉଟ ଲିଡର (ଉଚ୍ଚବିଦ୍ୟାଳୟ ଶିକ୍ଷକ)ମାନଙ୍କ ପାଇଁ ଏକାଦିକ୍ରମେ ଦୁଇଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ତା୨୭.୧୦.୨୦୨୨ରିଖଠାରୁ ଆରମ୍ଭ ହୋଇଅଛି। ଉକ୍ତ ଶିବିରରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଭୁବନେଶ୍ୱର, କଟକ, ଢ଼େଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଜଗତସିଂହପୁର, କନ୍ଧମାଳ, କେନ୍ଦ୍ରାପଡା, କେଉଁଝର, କଳାହାଣ୍ଡି, ଖୋର୍ଦ୍ଧା, ମୟୁରଭଞ୍ଜ, ନୂଆପଡା, ନୟାଗଡ, ପୁରୀ, ରାୟଗଡା ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରୁ ୫୮ ଜଣ କବ୍ ମାଷ୍ଟର ଏବଂ ୩୬ ଜଣ ରୋଭର ସ୍କାଉଟ ଲିଡର ତାଲିମ ନେବାପାଇଁ ଯୋଗଦାନ କରିଛନ୍ତି। ତା୨୭।୧୦।୨୨ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ ଏବଂ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଦାସ ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ମାନଙ୍କୁ ବିଦ୍ୟାଳୟରେ କବ୍ ଓ ରୋଭର ମାଧ୍ୟମରେ ଛାତ୍ରମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ସହିତ ସେମାନଙ୍କୁ ରାଜ୍ୟ ପୁରସ୍କାର ପାଇବା ଲାଗି ଠିକ୍ ଭାବେ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟକମିଶନର ଡଃ. କାଳିପ୍ରସାଦ ମିଶ୍ର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ସମସ୍ତ ଶିବିରାର୍ଥୀମାନଙ୍କୁ ସମାଜ ଲାଗି କିଛି ଭଲ କରିବାର ସୁଯୋଗକୁ ଯେପରି ହାତଛଡା ନକରିବେ ସେଥିପାଇଁ ନିଜ ବକ୍ତବ୍ୟରେ କହିଥିଲେ । ସମସ୍ତ କବ୍ ମାଷ୍ଟର ଓ ରୋଭର ସ୍କାଉଟ ଲିଡରମାନଙ୍କୁ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ସଂଗଠନକୁ ଆହୁରି ମଜବୁତ୍ କରୁଥିବାରୁ ସମସ୍ତ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଏଆଇଟିୟୁସିର ପ୍ରତିଷ୍ଠା ଦିବସ ଓ ଜିଲ୍ଲା ସମ୍ମିଳନୀ ସମ୍ପନ୍ନ




ଭୁବନେଶ୍ୱର (ପିଏନ୍): ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସର ଖୋର୍ଦ୍ଧା-ଭୁବନେଶ୍ୱର ଜିଲ୍ଲା କମିଟିର ନବମ ସମ୍ମିଳନୀ ଏ.ଆଇ.ଟି.ୟୁ.ସି. ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟାଳୟର ରକ୍ତ ପତାକା ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା ଉତ୍ତୋଳନ କରିଥିଲେ। ବିଦ୍ୟୁତ୍ କର୍ମଚାରୀ ନେତା ଆକୁଳି ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ସୁର ଜେନା ସମ୍ପାଦକୀୟ ରିପୋର୍ଟ ଉପସ୍ଥାପିତ କରିଥିଲେ। ଏହି ସଭାରେ ବକ୍ତବ୍ୟ ରଖି ଉପସାଧାରଣ ସମ୍ପାଦକ ବିଜୟ ଜେନା କହିଥିଲେ ଯେ, ସ୍ୱାଧୀନତା ଅଗ୍ନିଗର୍ଭରୁ ଜନ୍ମ ହୋଇଥିବା ସଂଗଠନ ଗଠନଠାରୁ ଏପର୍ଯ୍ୟନ୍ତ ଦେଶର ମେହେନତୀ ମଣିଷର ସର୍ବନିମ୍ନ ଦାବି ନେଇ ସଂଗ୍ରାମ ଜାରିରଖିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ବ୍ୟାପକ ସଂଗ୍ରାମ ନିମନ୍ତେ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ କର୍ମଚାରୀ ନେତା ସଂଜୀବ ପତି, ଆଶାକର୍ମୀ ନେତ୍ରୀ ନମିତା ସାହୁ, ବସନ୍ତ ସେଠୀ, ଗଦାଧର ସାହୁ, ପଞ୍ଚାନନ ସାହୁ, ଶ୍ରୀକୃଷ୍ଣ ପଟ୍ଟନାୟକ ଏବଂ ସିପିଆଇ ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ୩ ବର୍ଷ ନିମନ୍ତେ ଉପଦେଷ୍ଟା ଭାବେ ସଂଜୀବ ପତି, ସଭାପତି ଭାବେ ସୁର ଜେନା, ଉପସଭାପତି ଭାବେ ଆକୁଳି ନାଥ, ନମିତା ସାହୁ, ସମ୍ପାଦକ ଭାବେ ଶ୍ରୀକୃଷ୍ଣ ପଟ୍ଟନାୟକ, ସହ-ସମ୍ପାଦକ ବସନ୍ତ ସେଠୀ, ଶିବ ବେହେରା, କୋଷାଧ୍ୟକ୍ଷ ଭାବେ ରାଧାକାନ୍ତ ଶତପଥୀଙ୍କ ସମେତ ୨୦ ଜଣିଆ କମିଟି ଗଠନ କରାଯିବା ସହ ଆଗାମୀ ନଭେମ୍ବର ୧୧, ୧୨ ଓ ୧୩ ତିନିଦିନ ଧରି ରାଉରକେଲାଠାରେ ହେବାକୁ ଥିବା ତ୍ରୟୋଦଶ ରାଜ୍ୟ ସମ୍ମିଳନୀରେ ଜିଲ୍ଲାରୁ ୨୫ ଜଣ ସାଥୀ ଯୋଗଦେବେ ବୋଲି ଏକ ପ୍ରେସ୍ ବିବୃତ୍ତିରେ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

## ବାଲେଶ୍ୱର ଜିଲ୍ଲା ଜୁନିଅର ମହିଳା ହକି ଦଳର ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର (ପିଏନ୍)- ଓଡ଼ିଶା ଜୁନିଅର ମହିଳା ହକି ଚାମ୍ପିଅନସିପ୍-୨୦୨୨ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଗତକାଲି ସକାଳ ୮ଟାରେ ବସ ଯୋଗେ ବାଲେଶ୍ୱର ଜିଲ୍ଲା ଜୁନିଅର ମହିଳା ହକି ଦଳ ଭୁବନେଶ୍ୱର ଯାତ୍ରା କରିଛି। କ୍ରୀଡ଼ା ଛାତ୍ରାବାସରୁ ବାହାରି ଏହି ଦଳ ବସ ଷ୍ଟାଣ୍ଡରେ ପହଞ୍ଚିବା ପରେ ସେଠାରେ ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସ୍ୱରୁପ କୁମାର ଦାସ କ୍ରୀଡ଼ାବିତ୍‌ମାନଙ୍କୁ ଆଶୀର୍ବାଦ ପୂର୍ବକ ସେମାନଙ୍କର ସଫଳତା କାମନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ନଭେମ୍ବର ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ହକି ସଂଘ ପ୍ରୋତ୍ସାହନ ତଥା କୋଚ୍ ଡ଼େଭିଡ ସୋରେଙ୍ଗ ଏବଂ ଲିପିପୁଷ୍ପା ବେହେରାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱରର ଏକ ୧୫ ଜଣିଆ ଜୁନିଅର ମହିଳା ହକି ଦଳ ବାଲେଶ୍ୱରବାସୀଙ୍କ ଶୁଭେଚ୍ଛା ନେଇ ଭୁବନେଶ୍ୱର ଯାତ୍ରା କରିଛି। ପ୍ରକାଶ ଥାଉକି ବାଲେଶ୍ୱର ଜିଲ୍ଲାର ମାନନୀୟ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ କ୍ରୀଡ଼ା ଛାତ୍ରାବାସର ପରିଦର୍ଶନ କରି ଏହି ହକି ଖେଳାଳୀଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କର ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଶୁଭ ମନାସିଥିଲେ। ସେମାନଙ୍କର କ୍ରୀଡ଼ା ଛାତ୍ରାବାସ ରହଣୀଠାରୁ ଭୁବନେଶ୍ୱର ଯାତ୍ରା ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତାର ବ୍ୟବସ୍ଥା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କ୍ରୀଡ଼ାବିତ୍‌ମାନେ ହେଲେ ପ୍ରଣବୀ ଦାସ, ସ୍ୱାରକୀ ଗୋଚ୍ଛାୟତ, ସୁଷମା ମାଝୀ, ଲକ୍ଷ୍ମୀ ସିଂ, ତପସ୍ୱିନୀ ଦାସ, ରୋଜାଲିନ ସେଠୀ, ସତ୍ୟସ୍ୱରୁପ ଦାସ, ପୂର୍ଣ୍ଣିମା ମଣ୍ଡଳ, ରବି ବାର, ତନୁଶ୍ରୀ ମହାରଣା, ଦୀପିକା ନାୟକ, ବିଶ୍ୱଜୟୀ ସିଂ, ନମିତା ନାୟକ।

## ସମାଜସେବୀଙ୍କ ଅକାଳ ବିୟୋଗ



ଯାଜପୁର (ପିଏନ୍): ଯାଜପୁରର ବିଶିଷ୍ଟ ସମାଜସେବୀ ବିପିନ ବିହାରୀ ନାୟକଙ୍କର ଆକସ୍ମିକ ଭାବେ ତାଙ୍କ ଗ୍ରାମ ଜଗତପୁରଠାରେ ସାଇକେଲ ଯୋଗେ ଘରକୁ ଆସୁଥିବା ବେଳେ ଟ୍ରକ୍‌ର ଧକ୍କାରେ ମୃତ୍ୟୁ ଘଟିଛି। ତାଙ୍କ ଅକାଳ ବିୟୋଗରେ ଯାଜପୁର ବିଧାୟକ ତଥା ବିଜେଡ଼ି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯାଜପୁର ପୌରପାଳିକାର ଅଧ୍ୟକ୍ଷ ରଞ୍ଜୁଲତା ହୋତା, ଅଶୋକ ଦାସ, ଫାଉଣ୍ଡେସନ ସଚିବ ଭବପ୍ରସାଦ ଦାସ, ପୁତୁରା ଦେବେନ୍ଦ୍ର ନାୟକ, ଧର୍ମେନ୍ଦ୍ର ନାୟକ, ନାତି ସାମ୍ବାଦିକ ହରିହର ସ୍ୱାଇଁ, ଭରତ ନାୟକ, ଯାଜପୁର ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆର୍ତ୍ତତ୍ରାଣ ନାୟକଙ୍କ ସମତେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପୈତୃକ ଗ୍ରାମ ବେରୁଦା ପଞ୍ଚାୟତ ଅନ୍ତର୍ଗତ ଜଗପୁର ଗ୍ରାମରେ ପହଞ୍ଚି ଶେଷଦର୍ଶନ କରିଥିଲେ ଓ ଶୋକବାର୍ତ୍ତା ଦେଇଥିଲେ। ସେ ଜଣେ ମେଳାପୀ, ପରୋପକାରୀ, ସମାଜସେବୀ ଭାବେ ତାଙ୍କର ବେଶ ସୁନାମ ରହିଛି। ତାଙ୍କର ବଡ଼ ପୁଅ ବିଶ୍ୱରଂଜନ ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ମରଶରୀର ପାଖରେ ଦୁଇ ପୁଅ, ବୋହୂ, ଝିଅ, ଜ୍ୱାଇଁଙ୍କ ସମେତ ହଜାର ହଜାର ଲୋକ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତାରେ ମିନି ମାରାଥନ ଆୟୋଜିତ

ବାଲେଶ୍ୱର (ପିଏନ୍)- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨ ସମାରୋହ ଗତ ଅକ୍ଟୋବର ୩୧ ତାରିଖରୁ ଆସନ୍ତା ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ପାଳନ ହେଉଅଛି। ଏହି ଅବସରରେ ଗତକାଲି ଜିଲ୍ଲାସ୍ତରରେ ଏକ ଦୁର୍ନୀତି ନିବାରଣ ସଚେତନତା ମିନି ମାରାଥନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି ମିନି ମାରାଥନ ଗତକାଲି ସକାଳ ୭ ଘଟିକାରେ ରେମୁଣା ଗୋଲେଇଠାରୁ କଲେକ୍ଟୋରେଟ ପର୍ଯ୍ୟନ୍ତ୍ ଦୌଡ଼ାଯାଇଥିଲା ଯାହାର ଦୂରତା ଥିଲା ଆପାତତଃ ୫ କିଲୋମିଟର। ଏହି ମାରାଥନ ଦୌଡ଼ବେଳେ ସ୍ଥାନୀୟ ପୁଲିସ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଏହାର ହେପାଜତ କରିଥିଲେ। ଦୌଡ଼ ସହ ଦୁର୍ନୀତି ନିବାରଣ ସଚେତନତା ଉପରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବିଭିନ୍ନ ସ୍ଲୋଗାନମାନ ଦିଆଯାଇଥିଲା। ଏହି ମାରାଥନ ସହ ଆୟୋଜନରେ ସହଯୋଗୀ ହୋଇଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀଶଙ୍କର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ମାଝୀ ତଥା ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀବୃନ୍ଦ। ଏହି ମାରାଥନ୍ ଦୌଡ଼ଟି ସୁଚାରୁରୂପେ ବ୍ୟବସ୍ଥିତ କଲେକ୍ଟୋରେଟ ପରିସରରେ ସମାପନ ହୋଇଥିଲା। ପ୍ରକାଶ ଥାଉକି ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ମିଳିତ ଆନୁକୂଲ୍ୟରେ ପାଳନ କରାଯାଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨ ସମାରୋହରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ ଅଟେ।

## ମହେଶ ହତ୍ୟା ମାମଲା, ମୁଖ୍ୟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର (ପିଏନ୍)-ସୁଏଲପୁର କାହ୍ନୁ ଓରଫ ମହେଶ ମାଝୀ ହତ୍ୟା ମାମଲାରେ ବିଚାର କରି ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ମୁଖ୍ୟ ଅଭିଯୁକ୍ତ ବୁକୁନି ଓରଫ ଖାରବେଳ ମାଝୀକୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତ ଅଧିକ ଦୁଇବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଥାଉକି ୨୦୧୬ ମସିହା ଅକ୍ଟୋବର ୨୩ ତାରିଖ ଭୋର ସମୟରେ ଟାଉନ ଥାନା ଅନ୍ତର୍ଗତ ସୁଏଲପୁର କୈବର୍ତ୍ତ ସାହି ରବୟା ମାଝୀଙ୍କର ଗୃହମଧ୍ୟରେ ମୁଖ୍ୟ ଅଭିଯୁକ୍ତ ବୁକୁନି ଓରଫ ଖାରବେଳ ମାଝୀ ଓ ତାଙ୍କର ସହଯୋଗୀ ହାତରେ ମାରଣାସ୍ତ୍ର ଧରି ପଶି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କାହ୍ନୁ ଓରଫ ମହେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମହଶଙ୍କ ମା' ବାସନ୍ତୀ ମାଝୀ, ଭାଇ ରାଜେଶ ମାଝୀ, ଦାଦା ନରେନ୍ଦ୍ର ମାଝୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଟାଉନ ଥାନାରେ ମାମଲା ରୁଜୁ ହୋଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ମାମଲାରେ ୩ ଜଣ ବେଲ୍ ପାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବୁକୁନୀ ଓରଫ ମହେଶ ମାଝୀ ବିଚାର ବିଭାଗୀୟ ହାଜତରେ ରହିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୧୬

# ଜଣା ପଡ଼େ ନାହିଁ ଟାଣେ ପଇସା


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୯୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାର୍ଲଡ଼ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି – 'ପିଲାମାନଙ୍କୁ ତମାଖୁ ଶିଳ୍ପ ହସ୍ତକ୍ଷେପରୁ ରକ୍ଷା କରିବା।' ('ଚକ୍ୱକ୍ଟଣ୍ୱରମଣ୍ୱସଭଶ ମକ୍ଷସକ୍ଷୟକ୍ୱରଭ ଲକ୍ୱକ୍ଟଜ୍ଞ ଣ୍ୱକ୍ଟଭବମମକ୍ଟ ସଭୟଙ୍କଣ୍ୱଣ୍ୱକ୍ୱଛ ସଭଣ୍ୱରକ୍ୱଲରକ୍ୱରଭମର')।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ । ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି। ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶକା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଡ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨-୨୦%)। ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ। ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୁଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।

ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି। ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ମହାକୁମ୍ଭରେ ଆବର୍ଜନାର ବୁଡ଼



ଡକ୍ଟର ତପନ କୁମାର ପାଳ

ପବିତ୍ର ସଙ୍ଗମ ନଗରୀରେ ଆୟୋଜିତ ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ ମେଳା ସବୁ ଦୃଷ୍ଟିରୁ ଭବ୍ୟ ଓ ସ୍ୱତନ୍ତ୍ର। ମହାକୁମ୍ଭର ୩୩ ଦିନରେ ୫୦ କୋଟିରୁ ଅଧିକ ଶ୍ରଦ୍ଧାଳୁ ସ୍ନାନ କରିସାରିଥିବାବେଳେ ଇତିହାସରେ ସବୁଠୁ ବଡ଼ ଆୟୋଜନରେ ଏହା ମଧ୍ୟ ବିଶ୍ୱ ରେକର୍ଡ଼। ତେବେ ସବୁଠାରୁ ବଡ଼ ରୋଚକ ଖବର ହେଉଛି ଏହି ୪୫ ଦିନିନଆ ମହାଆୟୋଜନରେ ଯେତିକି ଲୋକ ପହଞ୍ଚି ସାରିଲେଣି ଆମେରିକା ଓ ଚୀନର ମୋଟ ଜନସଂଖ୍ୟା ପରେ ତୃତୀୟ ସବୁଠୁ ଅଧିକ ଲୋକ ପ୍ରୟାଗରାଜ ପହଞ୍ଚିବାର ରେକର୍ଡ଼ ସ୍ଥାପିତ ହୋଇଛି। ବ୍ରାଜିଲର ରିଓ ଫେଷ୍ଟିପାଲ ବା ଜର୍ମାନର ଅକ୍ଟୋବର ଫେଷ୍ଟକୁ ଆସୁଥିବା ଭିଡ଼ ମହାକୁମ୍ଭ ତୁଳନାରେ କିଛି ନୁହଁ। ରିଓ ଫେଷ୍ଟିପାଲ ଚଳିତ ମାସ ୯ ତାରିଖରେ ଆରମ୍ଭ ହୋଇଛି ଯାହା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ପ୍ରାୟ ୨୦ ଲକ୍ଷ ଲୋକ ଏଥିରେ ସାମିଲ ହେଉଛନ୍ତି। ପ୍ରୟାଗରାଜରେ ଏବେ ଗହଳି, ଚାକଚକ୍ୟ କ୍ଷେତ୍ରରେ ଯେତିକି ରେକର୍ଡ଼ ଆବର୍ଜନକୁ ନେଇ ମଧ୍ୟ ଅନେକ ରେକର୍ଡ଼ ଏପରିକି ବିଶ୍ୱ ରେକର୍ଡ଼। ୩୦୦ରୁ ଅଧିକ ସ୍ୱଚ୍ଛତାକର୍ମୀ ଏକ ସଙ୍ଗେ ସଙ୍ଗମର ଭିନ୍ନ ଭିନ୍ନ ଘାଟରେ ଗଙ୍ଗା ନଦୀ ସଫେଇ କରି ଗ୍ରୀନିଜ ବିଶ୍ୱରେକର୍ଡ଼ କରିଛନ୍ତି। ବିଶ୍ୱ ରେକର୍ଡ଼ ପାଇଁ ମେଳା ପ୍ରାଧିକରଣ ତରଫରୁ ସମସ୍ତ ପ୍ରକ୍ରିୟା ପାଳନ କରାଯାଇଥିଲା।

ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ଏହି ମହାକୁମ୍ଭରେ ଯେତିକି ଲୋକ ଆସୁଛନ୍ତି ବା ଆସିବାର ସମ୍ଭାବନା ଅଛି ଏହି ସଂଖ୍ୟା ଦିଲ୍ଲୀ ଜନସଂଖ୍ୟାକୁ ପ୍ରାୟ ୧୧ଗୁଣରୁ ଅଧିକ ହେବ। ତେବେ ଏଠାରେ ଏକ ଚକିତ କରିଦେବା ପରି ଘଟଣା ସମ୍ପର୍କରେ ଆମେ ଉଲ୍ଲେଖ କରୁଛୁ। ପ୍ରୟାଗରାଜ ନଗର ନିଗମ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ ମେଳାର ପ୍ରଥମ ୧୯ ଦିନରେ ପ୍ରାୟ ୭ହଜାରରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ ଆବର୍ଜନା ବାହାରିଛି। ଏଠାରୁ ପ୍ରତିଦିନ ହାରାହାରି ୩୦୦ ଓ ଶାହି ସ୍ନାନ ତଥା ସ୍ୱତନ୍ତ୍ର ସ୍ନାନ ଦିବସରେ ୪୦୦ରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ ଆବର୍ଜନା ବାହାରୁଛି। ୨୦୧୧ ଜନଗଣନା ଅନୁସାରେ ଲକ୍ଷ୍ନୌର ଜନସଂଖ୍ୟା ୪୫ ଲକ୍ଷ ୮୯ ହଜାର ୮୩୮। ପ୍ରତିଦିନ ଏଠାରୁ ହାରାହାରୁ ୨ହଜାର ମେଟ୍ରିକ ଟନ ଆବର୍ଜନା ବାହାରିଥାଏ। ଆବର୍ଜନା ଯେଉଁ ଭାବରେ ଦିନକୁ ଦିନ ବଢୁଛି ଏହା ପ୍ରଶାସନ ପାଇଁ ମଧ୍ୟ ମୁଣ୍ଡ ବିଧାର କାରଣ ପାଲଟୁଛି। ଯଦିଓ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ଦେଖାଯାଉଛି ତଥାପି ଆବର୍ଜନା ଦିନକୁ ଦିନ ବଢୁଛି। ମହାକୁମ୍ଭ କେବଳ ଏକ ଉତ୍ସବ ନୁହଁ ବରଂ ଏକ ଗୁରୁଦାୟିତ୍ୱ ନିଶ୍ଚୟ। ପବିତ୍ର ସଙ୍ଗମ ତଟରେ ଏକ ପ୍ରକାର ଅସ୍ଥାୟୀ ନୂଆ ସହର ନିର୍ମାଣ କରିବା ଓ ଏହାକୁ ନିୟମିତ ଭାବେ ସଫା ରଖିବା ମଧ୍ୟ ସେପରି ସହଜ ନୁହେଁ। ଏହି କ୍ରମରେ ଦେଖିବାକୁ ଗଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମେଳାକୁ ଆସୁଥିବା କୋଟି କୋଟି ଶ୍ରଦ୍ଧାଳୁ ଓ ମୁନୀଋଷିଙ୍କୁ ସ୍ୱଚ୍ଛ ପରିବେଶ ଓ ରହିବାକୁ ପ୍ରଶସ୍ତ ଜାଗା ପ୍ରଦାନ କରିବା। ଲକ୍ଷାଧିକ ଲୋକଙ୍କ ଯାତାୟତ ଓ ରହଣୀ ମଧ୍ୟରେ ସ୍ୱଚ୍ଛତା ବଜାୟ ରଖିବା ବଡ଼ ଆହ୍ୱାନ। ମହାକୁମ୍ଭରେ ଏହାର ମୁକାବିଲା ସବୁଠାରୁ ଜଟିଳ ପରିସ୍ଥିତି ମଧ୍ୟ ସୃଷ୍ଟି କରିଛି। ୪ହଜାର ହେକ୍ଟରରେ ବିସ୍ତୃତ ବିଶ୍ୱର ସର୍ବବୃହତ୍ତ ଧାର୍ମିକ ଆୟୋଜନରେ ପ୍ରତିଦିନ ୬୦୦ ମେଟ୍ରିକ ଟନ ଆବର୍ଜନା ନିର୍ଗତ ହେଉଛି। ମହାକୁମ୍ଭରେ ପ୍ରତିଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହେଉଥିବାବେଳେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ମେଳା କ୍ଷେତ୍ରରେ ୧.୫୦ ଲକ୍ଷ ଶୌଚାଳୟ, ୪ଲକ୍ଷରୁ ଊର୍ଦ୍ଧ୍ୱ ଡଷ୍ଟବିନ ରହିଛି। ଏହାକୁ ସଫେର କରିବା ପାଇଁ ୮୦୦ ଟିମ୍ ଗଠନ ହୋଇଛି ଏବଂ ଏକ ତୃତୀୟାଂଶ କର୍ମଚାରୀ ରାତିରେ ଡ୍ୟୁଟି କରୁଛନ୍ତି। ସଙ୍ଗମ, ଅରଇଲ, ନାଗବାସୁକୀ ଭଳି ପ୍ରମୁଖ ଜନଗହଳି କ୍ଷେତ୍ରରେ ସଫେଇ ବଡ଼ ଆହ୍ୱାନ ସଦୃଶ। ନଗର ବିକାଶ ବିଭାଗ ପକ୍ଷରୁ ଛଅଜଣ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କେବଳ ସଙ୍ଗମ ନୋଜରେ ମୃତୟନ କରାଯାଇଛି। ସମଗ୍ର ମେଳାକୁ ୨୫ଟି ସେକ୍ଟରରେ ବିଭକ୍ତ କରାଯାଇଛି ଏବଂ ପ୍ରତ୍ୟେକ ସେକ୍ଟରରେ କିଛି ସର୍କଲ ରହିଛି ଯାହାକୁ ସର୍କଲ ଇନଚାର୍ଜମାନେ ପ୍ରତ୍ୟେକ୍ଷ ଅନୁଧ୍ୟାନ କରୁଛନ୍ତି। ପ୍ରୟାଗରାଜର ଗହଳି ଭିତରେ ଆଉ ଏକ ପ୍ରସଙ୍ଗ ସମ୍ପର୍କରେ ଆମେ ଲେଖୁଛୁ। ମହାକୁମ୍ଭର ବଡ଼ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ସଙ୍ଗମନୋଜ। ଏଠାରେ ସବୁଠୁ ଅଧିକ ଭିଡ଼ ହୁଏ। ଲୋକମାନେ ସ୍ନାନ ପରେ ନିଜ ବସ୍ତ୍ର, ଆନୁସଙ୍ଗିକ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଫୁଲ ତଥା ଅର୍ଘ୍ୟ ସାମଗ୍ରୀ ସବୁକୁ ଦାନ ସ୍ୱରୂପ ଏଠାରେ ଛାଡ଼ି ଦେଇ ଯାଉଥିବାରୁ କୁଢ଼ କୁଢ଼ ଆବର୍ଜନାର ପାହାଡ଼ ସଦୃଶ ହେଉଛି। ସରକାର ଟ୍ରାଇ ସ୍କିମର ସହିତ ଡଙ୍ଗା ମାଧ୍ୟମରେ ମଧ୍ୟ ସଫେଇ କାର୍ଯ୍ୟ କରୁଛନ୍ତି। ସଙ୍ଗମର କୁମ୍ଭମେଳାରେ ଏହି ଆବର୍ଜନା ସଫେଇ ପାଇଁ ପ୍ରଶାସନିକ ଭାବେ ଏକ ବଡ଼ ଟିମ ଗଠନ କରାଯାଇଛି। ସଫେଇ କର୍ମୀମାନେ ରାତି ଦିନ ଏହି କାର୍ଯ୍ୟରେ ଲାଗିଛନ୍ତି ଏବଂ ଏ ବ୍ୟବସ୍ଥାକୁ ଏକ ନିର୍ଦ୍ଦିଷ୍ଟ ଆପ ମଧ୍ୟ ନଜର ରଖି ସୂଚୀତ କରୁଛି କି ଯେ ସଫେଇ କରୁଥିବା ଗଙ୍ଗା ସେବା ଦୂତମାନେ ସକାଳ ଓ ସନ୍ଧ୍ୟାରେ ଯାଇ ଶୌଚାଳୟ ସଫା ହେଉଛି କି ନାହିଁ ତାର ଯାଞ୍ଚ ରଖୁଛନ୍ତି। ସୂଚନା ଥାଉକି ୧୫୦୦ ଗଙ୍ଗାସେବା ଦୂତ ଏହି ଦାୟିତ୍ୱ ନିର୍ବାହରେ ରହିଛନ୍ତି। ଆପଣ ଯଦି କୁମ୍ଭମେଳା ଯାଉଛନ୍ତି ତେବେ ଜଣେ କର୍ତ୍ତବ୍ୟନିଷ୍ଠ ନାଗରିକ ଓ ଯଥାର୍ଥ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଭାବେ ଅନ୍ତତଃ ଆବର୍ଜନା ସୃଷ୍ଟି ନକରି ପ୍ରଶାସନକୁ ସହାୟତା କରନ୍ତୁ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ*
*କଲୋନୀ, ଦେଉଳ ସାହି, ତୁଳସୀପୁର,*
*କଟକ*

# ଜୀବନ-ଯନ୍ତ୍ରଣାର ଦୋ'ଛକିରେ ସୁଖର ସନ୍ଧାନ -୧


ପଙ୍କଜ କୁମାର ପାଣିଗ୍ରାହୀ

ମଣିଷର ବିକଶିତ ଭାବଧାରାରେ ସୁଖ ସନ୍ଧାନର ଦିଗନ୍ତ ବାରିବା
ଅତ୍ୟନ୍ତ ଦୁଃସାଧ୍ୟ ବିଷୟ ହୋଇପଡ଼ିଛି ଆଜିର କୁହୁଡ଼ି ପହଁରା ନୀତିରେ !
ମରୀଚିକାରେ ଜଳର ଅନ୍ୱେଷଣ କରି କରି, ମଧ୍ୟ ଭାଗରେ
ସମାଧି ପାଲଟି ଯାଉଛି ଜୀବନ ଯନ୍ତ୍ରଣାରେ ସନ୍ଧିଗ୍ଧ ମଣିଷ ! କାରଣ କ'ଣ... ? ? ! !

ଜୀବନ ଆଉ ଯନ୍ତ୍ରଣା, ପରସ୍ପର ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ହୋଇ ରହିଥାଏ ପ୍ରତ୍ୟେକ ମଣିଷର । ଆଜିର ଅତ୍ୟାଧୁନିକ ମଣିଷ ଗୋଟିଏ ରାସ୍ତାରେ ଜୀବନ ଅତିବାହିତ କରୁଥିବା ବେଳେ ଅନ୍ୟ ଦିଗରେ ଯନ୍ତ୍ରଣାମୟ ପରିସ୍ଥିତିର ମୁକାବିଲା କରିବା ପାଇଁ ସଂଘର୍ଷରତ । ସୁଖୀ ମଣିଷଟିଏ ଖୋଜିବାକୁ ବାହାରିଲେ ହୁଏତ ବ୍ରହ୍ମାଣ୍ଡ ସରିଯିବ... ! ଜୀବନକୁ କେଉଁ ମାର୍ଗରେ ବ୍ୟବହାର କରି ଚାଲିଛେ ଆମେ ଯେ ଆନନ୍ଦ ଅନୁଭବର କୌଣସି ମାର୍ଗ ଦିଶୁନାହିଁ ବରଂ ଦିନକୁ ଦିନ କେବଳ ଯନ୍ତ୍ରଣା ଜଡ଼ିତ ହୋଇ କଲବଲ ହେଉଛି ଆଜିର ମଣିଷ ? ଆସନ୍ତୁ ବିଚାର କରି ଦେଖିବା...

ଜୀବନ ଏକ ପ୍ରକୃତିଦ ପ୍ରକ୍ରିୟା ଯାହା ମଣିଷ ସମେତ ଆହୁରି ଲକ୍ଷ ଲକ୍ଷ ପ୍ରାଣୀଙ୍କ ସରଂଚନାକୁ ନିଦର୍ଶନ କରିଥାଏ । ପ୍ରକୃତି ପ୍ରାଣୀଜଗତକୁ ପ୍ରାକୃତିକ ଭାବେ ସୃଷ୍ଟି କରି ପ୍ରତ୍ୟେକ ଏକକ ଜୀବକୁ ଏକ ନିର୍ଦ୍ଦିଷ୍ଟ ସମୟ ପରେ ତା କୋଳରେ ଲୀନ କରି ଦେଇ ପୁଣି ଏକ ନୂତନ ଜୀବନ ସଂଚାର କରିବା ନିୟମ ରଖିଥିବା ସମସ୍ତେ ଜାଣନ୍ତି । ମଣିଷ ସମେତ ପ୍ରାୟତଃ ସମସ୍ତ ଚରାଚର ଜୀବଜଗତ ସେମାନଙ୍କ ଗୁଣ, ଧର୍ମ ଜନିତ ଜୀବନ ବିତାଇ କୌଣସି ଗୋଟିଏ ଦିନ ପ୍ରକୃତି କୋଳକୁ ପ୍ରତ୍ୟାବ ର୍ନ କରିଥା'ନ୍ତି ଯାହାର କୌଣସି ନିଶ୍ଚିତ ଧାର୍ଯ୍ୟ, ବିକଳ୍ପ ନଥାଏ । କିଏ କେତେଦିନ ଜୀବନରେ ବଂଚି ରହିବ ଏବଂ କାହିଁକିର ଉ ର ନାହିଁ କାହାରି ପାଖରେ । ମଣିଷ କେବଳ କିଛି ସ୍ମୃତି ଓ ଭାବନା କ୍ଷମତା ସମ୍ପନ୍ନ ଜୀବଟିଏ ଯିଏ ପ୍ରକୃତିର ଅନେକ କଥା ବୁଝିବାରେ ସମର୍ଥ ହୋଇ ପାରୁଛି । ସେହି ବୁଝିବା ଭିତରେ କେତେକ ସଂସ୍କାର ମୂଳକ ଜୀବନଚର୍ଯ୍ୟା ଆପଣେଇ ନେଇଛେ ଆମେ ଯାହା ଅନ୍ୟାନ୍ୟ ପ୍ରାଣୀ ଜଗତରେ ଦେଖିବାକୁ ମିଳେ ନାହିଁ । ମାନବିକ ଗୁଣ, ଧର୍ମ, ଆଚରଣ ଗୁଡ଼ିଏ ଆମ ଜୀବନରେ ସ୍ୱତଃପ୍ରବୃ (ପ୍ରାକୃତିକ) ଭାବେ ଜଡ଼ିତ ରହିଥିବା ବେଳେ ଅତିମାନବୀୟ ଆଚରଣ ଗୁଡ଼ିଏ ସମାଜର କେତେକ ସଂସ୍କୃତ ମଣିଷଙ୍କ ଠାରୁ ଶିକ୍ଷା ଲାଭ କରି ଅଚରିଥା'ନ୍ତି କେତେକ । ଆଉ କେତେକ ସେଗୁଡ଼ିକୁ ଗ୍ରହଣ କରିବାରେ ଅସମର୍ଥ ରହି ଅନେକ ଅମାନବୀୟ ଚରିତ୍ର ପ୍ରବାହ କରିଥା'ନ୍ତି ସମାଜରେ ଯାହାଙ୍କୁ ଆମେ ଅମଣିଷ ବୋଲି ବିଚାରିଥାଉ । ଅନ୍ତତଃ ପକ୍ଷେ ନିଜର ହେଉ କି ସାମାଜିକ କ୍ଷେତ୍ରରେ ସାମୁହିକ ସ୍ୱାର୍ଥକୁ ଆଘାତ ପହଂଚାଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ମଣିଷଙ୍କୁ ଅମଣିଷ ବୋଲି କୁହାଯାଇ ଥାଏ । ଆଜି ସମୟରେ ସେହିଭଳି ମଣିଷ ବ୍ୟାପକ ପରିମାଣରେ ଦେଖିବାକୁ ମିଳୁଛନ୍ତି ଯେଉଁମାନେ ସମାଜରେ କିଛି ଶିକ୍ଷା ଗ୍ରହଣ କରି ନିଜକୁ ଚତୁର କରି ପାରିଛନ୍ତି । ସେହି ଚତୁରଙ୍କୁ ସାମାଜିକ କ୍ଷେତ୍ର ଠାରୁ ଦୁରେଇ ରଖାଗଲେ ସମାଜରେ କିଛି ନୂତନତ୍ୱ/ ପରିବ ର୍ନ ସମ୍ଭବ ହେବ ଯାହା ହେଉନାହିଁ । ତେଣୁ ସେହି ଚତୁର ଗୋଷ୍ଠୀ ସମାଜର ନିର୍ବୋଧଙ୍କୁ ପ୍ରତାରିତ କରି ରଖି ଶୋଷଣର ଶିକାର କରି ଚାଲିଥିବା ପରିପ୍ରେକ୍ଷୀରେ ସାଧାରଣ ମଣିଷଙ୍କ ଜୀବନ ପଥରେ ଯନ୍ତ୍ରଣା ଏକ ବିଶାଳ ପ୍ରାଚୀର ସଦୃଶ୍ୟ ଦଣ୍ଡାୟମାନ ହୋଇ ସମସ୍ତଙ୍କୁ ବିଭାଜିତ କରି ଚାଲିଛି !

ଜୀବନର ସ୍ରୋତ ଦୁଇଟି ଦିଗରେ ପରିଚାଳିତ ହେଉଥିବା ବେଳେ ଯନ୍ତ୍ରଣା ଅନୁଭବ ଦୁଇଟି କାରଣରୁ କରିଥାଏ ମଣିଷ । ଜୀବନ ନଈର ଡଙ୍ଗାଟି କେତେବେଳେ ଅନୁକୂଳରେ ଚାଲିଥାଏ ତ ଆଉ କେତେବେଳେ ପ୍ରତିକୂଳରେ । ଅନୁକୂଳରେ ଚାଲିଲେ ମଣିଷର ଦୁଃଖ ଲାଘବ ହେଉଥିବା ବେଳେ ପ୍ରତିକୂଳମୁଖି ହୋଇ ମଣିଷ ଅତ୍ୟନ୍ତ ଦୁଖୀ ହେଉଥିବା ବିଭୀଷିକା ପ୍ରାୟତଃ ସମସ୍ତଙ୍କୁ ଘେରି ରହିଛି । କାରଣ ଖୋଜନ୍ତି ନାହିଁ କେହି ! ଖୋଜି ବାହାର କରିପାରନ୍ତି ନାହିଁ କେତେକ ! ଯିଏ କାରଣ ଗୁଡ଼ିକ ଜାଣିପାରନ୍ତି ସେମାନଙ୍କୁ ସାମାଜିକ ପ୍ରତିବଦ୍ଧତା ବିଶୃଙ୍ଖଳିତ କରିବାରେ ସହଭାଗିତା କରିଥା'ନ୍ତି ଅନେକ ପାର୍ଶ୍ୱବ ୀ ବନ୍ଧୁ ପରିଜନ ! କହିବାକୁ ଗଲେ ସବୁ ଜାଣିଶୁଣି ମଧ୍ୟ ଅନୈତିକତା ତଥା ଦୁଃଖ ବିଭୀଷିକାର ଶିକାର ହେବା ଠାରୁ ଦୁରେଇ ରହିବା ସମ୍ଭବ ହେଉନାହିଁ ଆଜିର ମଣିଷ ପାଖରେ ।

ପ୍ରାକୃତିକ ନୈତିକତା ତଥା ମାନବିକ ଗୁଣ, ଧର୍ମ ଗୁଡ଼ିକୁ ଆଚରି ନିଜର ଜୀବନ ଶୈଳୀକୁ ସରଳ କରି ବଂଚିବା ଚିନ୍ତନ ମଣିଷକୁ ଅନୁକୂଳଗାମୀ କରିଥାଏ । ମନୁଷ୍ୟକୃତ କୃତିମ ଜୀବନ ଶୈଳୀ ହେତୁ ସଦାସର୍ବଦା ଦୁଖୀ ହୋଇ ରହୁଥିବା ଚେତନା ଜ୍ଞାନ ରହିତ ନିର୍ବୋଧ ମଣିଷ ଅତ୍ୟନ୍ତ ଦୁଃଖରେ କାଳାତିପାତ କରୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ମଣିଷ ବଂଚିରହିବା ପାଇଁ ଯେଉଁସବୁ ପ୍ରାକୃତିକ ଉତ୍ସ ତଥା ଜୀବନ ଧାରଣ ଶୈଳୀର ଆବଶ୍ୟକତା ରହିଥାଏ ସେଗୁଡ଼ିକ ପ୍ରାୟତଃ କାହାକୁ ଶିଖାଇବା ଆବଶ୍ୟକ ନାହିଁ, ବରଂ ସମସ୍ତେ ନିଜେ ନିଜେ ଶିଖିଥାନ୍ତି ଚତୁଃର୍ପାର୍ଶ୍ୱର ପରିବେଶରୁ । କି'ନ୍ତୁ ଅନେକ କୃତ୍ରିମ ସାମାଜିକ ବିଭୀଷିକା ସୃଷ୍ଟି କରି ବ୍ୟବସାୟୀକ ଦୃଷ୍ଟିଭଙ୍ଗୀରେ ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରିଥାନ୍ତି ବିଭିନ୍ନ ଶ୍ରେଣୀର ଚତୁର ଯାହାଙ୍କୁ ବୁଝିବା ଅତ୍ୟନ୍ତ ଦୁଃସାଧ୍ୟ ବ୍ୟାପାର । ଉପସ୍ଥିତ ସମୟରେ ମଣିଷ ସମାଜରେ ଉପଲବ୍ଧ ସବୁ ପ୍ରକାର ମନୁଷ୍ୟକୃତ କୃତ୍ରିମ ଜୀବନ ଶୈଳୀ ଗୁଡ଼ିକ ମଣିଷକୁ ଅହରହ ଅଶାନ୍ତିରେ ବଂଚିବା ପାଇଁ ବାଧ୍ୟ କରୁଅଛି । ସାଧାରଣ ନିର୍ବୋଧ ସେଗୁଡ଼ିକର ଷଡ଼ଯନ୍ତ୍ରକୁ ବୁଝିନପାରି ନିଜର ଉନ୍ନ ି ବୋଲି ବିଚାରି ମାନସିକ ସ୍ତରରେ ଦୁଖୀ ହୋଇ ରହୁଥିବା ମଧ୍ୟ ଜାଣି ପାରୁନାହାନ୍ତି । ମନୁଷ୍ୟକୃତ ଅପ୍ରାକୃତିକ ଶୈଳୀ ଗୁଡ଼ିକ ମଣିଷକୁ ପ୍ରତିକୂଳମୁଖୀ କରି ଅହରହ ଅଶାନ୍ତିରେ ବଂଚିବା ପରିବେଶ, ପରିସ୍ଥିତି ସୃଷ୍ଟି କରୁଥିଲେ ମଧ୍ୟ ସାଧାରଣ ନିର୍ବୋଧ ସେଇଥିରୁ ନିବୃ ରହିବା ପରିବର୍ େ ସେଗୁଡ଼ିକୁ ଜୀବନର ଅବିଚ୍ଛେଦ୍ୟ ଅଂଶ ଭଳି ବିଚାରୁଛନ୍ତି ନିତ୍ୟ ।

ଠିକ୍ ସେହିଭଳି ଜୀବନର ଗତିପଥରେ ମଣିଷ ଦୁଇଟି କାରଣରୁ ଯନ୍ତ୍ରଣା ଅନୁଭବ କରିଥାଏ । ଗୋଟିଏ ହେଲା ଭୟ ଏବଂ ଅନ୍ୟଟି କ୍ଷୟ । ମଣିଷ ମସ୍ତିଷ୍କରେ ଭୟ ସୃଷ୍ଟି ହେବା ଏକ ପ୍ରାକୃତିକ ସାରାଂଚନା ଯାହା ଅନ୍ୟାନ୍ୟ ଜୀବ ମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଫଳିତ ହୋଇଥାଏ । ପ୍ରାକୃତିକ ଭାବେ ଭୟର କାରଣ କେତେବେଳେ ଶାରୀରିକ ବ୍ୟାଧି ତ ଆଉ କେତେବେଳେ କେବଳ ମୃତ୍ୟୁ ହୋଇଥାଏ ଯାହା ପ୍ରାୟତଃ ଅନ୍ୟ କେତେକ ଜୀବଜଗତରେ ମଧ୍ୟ ଦେଖିବାକୁ ମିଳେ । କି'ନ୍ତୁ ବିଭିନ୍ନ ମନୁଷ୍ୟକୃତ ଭୟର ବିଭୀଷିକା ଗୁଡ଼ିକ ଅନ୍ୟାନ୍ୟ ଜୀବଜଗତରେ ନଥାଏ । କ୍ଷୟର କାରଣ କେବଳ ମଣିଷ ସମାଜରେ ଉପଲବ୍ଧ ଯାହା ପ୍ରକୃତିର ଅନ୍ୟାନ୍ୟ ଜୀବଜଗତରେ ନାହିଁ । କ୍ଷୟ ଅର୍ଥାତ ନିଜର ଅର୍ଜିତ ଧନ, ସମ୍ପ ିର କ୍ଷୟ । ଏହି ଦୁଇଟି କାରଣ ହେତୁ ମଣିଷ ସବୁବେଳେ ଯନ୍ତ୍ରଣା ଅନୁଭବ କରୁଥିବା ଦେଖିବାକୁ ମିଳେ ଅଧିକାଂଶ କ୍ଷେତ୍ରରେ । ଏହା ବ୍ୟତୀତ ମଣିଷର ସୂକ୍ଷ୍ମ ଚେତନା ଜନିତ ଭାବବିହ୍ୱଳତା କାରଣରୁ କେତେକାଂଶରେ ଦୁଃଖ ଅନୁଭବ କରୁଥିବା ଏକ ସାଧାରଣ ବିଷୟ ଯାହା ହୁଏତ ସମସ୍ତେ ଅନୁଭବ କରିଥାନ୍ତି ଜୀବନ କାଳ ମଧ୍ୟରେ ।

ଭୌତିକବାଦୀ ମଣିଷ ହିଁ ଧର୍ମର ପରାକାଷ୍ଠା ହୋଇଥାନ୍ତି। ନିର୍ବିକାର ପୂଜାର୍ଚ୍ଚନା ଉପରେ କୌଣସି ପ୍ରାଧାନ୍ୟତା ନରଖି ମାନବ ଧର୍ମ ପାଳନ କରନ୍ତି । ଲୁଣ୍ଠିତ, ପ୍ରତାରିତ, ନିର୍ଯାତିତ ହୋଇ ଜୀବନ ବଂଚିବାର ସ୍ୱାଦ ହୁଏତ କିଛି ଭିନ୍ନ ଯାହା ଓଡ଼ିଆ ଖୁବ ଭଲଭାବେ ବୁଝିଛନ୍ତି ! ଜଣେ ମଣିଷର ପରିସ୍ଥିତି କ'ଣ ବି ହୋଇଯାଉ, ଶୁଣିବାକୁ ଏଠି କେହି ନାହାନ୍ତି ! ନିଜ ସମସ୍ୟା ନିଜେ ବୁଝ ! କି ପରିସ୍ଥିତି ଆମ ରାଜ୍ୟ/ଦେଶର ? ? ! ! (କ୍ରମଶଃ)

*ୟୁଟ୍ୟୁବ – ସାମାଜିକ ଜନମ (ଭାରତ)*
*ଛତ୍ରପୁର, ଗଂଜାମ- ୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*

# ଆମ ଅସ୍ମିତା -କେତେ ନିକଟ , କେତେ ଦୂର !


ହିମାଂଶୁ ଶେଖର ଆଚାର୍ଯ୍ୟ

୧୯୩୬ ମସିହା ଏପ୍ରିଲ ୧ ତାରିଖ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅବିସ୍ମରଣୀୟ ଦିବସ । ଏହି ଦିନ ଆମେ ସାରା ଭାରତରେ ଭାଷା ଭି ିରେ ପ୍ରଥମ ରାଜ୍ୟ ଗଠନର ମାନ୍ୟତା ପାଇଲୁ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡ଼ିଆ, ଜାଗା ହେଲା ଓଡ଼ିଶା । ଭାଷାଭି ିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆମ ଅସ୍ମିତାର ପ୍ରତୀକ । ଭାଷା ଭି ିରେ ରାଜ୍ୟଟିଏ ପାଇବା ପାଇଁ ଆମକୁ ଅନେକ ସଂଘର୍ଷ କରିବାକୁ ପଡ଼ିଛି । ସ୍ୱତନ୍ତ୍ର ପ୍ରଦେଶ କଥା ଆଲୋଚନା କଲାବେଳେ ସ୍ୱତଃ ମନେପଡ଼ିଯାଆନ୍ତି ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ,ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କଥା ସମ୍ରାଟ ଫକୀର ମୋହନ, କର୍ମବୀର ଗୌରୀଶଙ୍କର, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଣ୍ଡିତ ଗୋଦାବରୀଶ,ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର,ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ,ବିପ୍ଲବୀ ଜନନାୟକ ନବକୃଷ୍ଣ ଚୌଧୁରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଆହୁରି ଅନେକ । ଯେଉଁମାନଙ୍କ ଅକ୍ଲାନ୍ତ ପରିଶ୍ରମ, ଚରମ ତ୍ୟାଗ ଓ ନିଷ୍ଠାପର ଉଦ୍ୟମର ଫଳଶ୍ରୁତି ହେଉଛି ଆଜିର ଓଡ଼ିଶା। ଭାରତବର୍ଷରେ ଭାଷାଭି ିକ ପ୍ରଦେଶ ଗଠନ କ୍ଷେତ୍ରରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରାଯାଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନ ଚାଲିଥିଲା ତାହା ସଫଳ ହୋଇଥିଲା ୧୯୩୬ ମସିହା ଏପ୍ରିଲ ପହିଲାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ତତ୍‌କାଳୀନ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର,ଗଞ୍ଜାମ ଓ କୋରାପୁଟ – ଏହି ଛଅଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ । ଛଅଟି ଜିଲ୍ଲାକୁ ନେଇ ଓଡ଼ିଶାର ସୀମା ସଙ୍କୁଚିତ ହୋଇରହିଲା ୧୯୪୭ ମସିହା ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ । ୧୯୪୮ ମସିହାରେ ଗଡ଼ଜାତ ଅ ଳ ମିଶ୍ରଣ ସହ ପରେ କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ଫୁଲବାଣୀ, ଢେଙ୍କାନାଳ, କେନ୍ଦୁଝରେ ଓ ୧୯୪୯ ମସିହା ଜାନୁୟାରୀ ପହିଲାରେ ମୟୁରଭଞ୍ଜ ଜିଲ୍ଲା ମିଶିବା ପରେ ମୋଟ ୧୩ଟି ଜିଲ୍ଲାକୁ ନେଇ ଗଢାହେଲା ଆଧୁନିକ ଓଡ଼ିଶା ପ୍ରଦେଶ । ଏହି ଜିଲ୍ଲା ସଂଖ୍ୟା ଏବେ ୩୦ରେ ପହ ିଛି। ଏସବୁ ସ ୍ୱ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅ ଳ ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରେ ରହିଯାଇଛି । ଆମ ଅତୀତ ଇତିହାସ ଗୌରବମୟ । ଦିନ ଥିଲା ଆମ ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଆମ ସାଧବପୁଅ ସାତ ସମୁଦ୍ର ତେର ନଈ ପାରିହୋଇ ସୁଦୂର ଜାଭା, ସୁମାତ୍ରା, ବାଲି ଦୀପପୁଞ୍ଜରେ ବେପାର ବଣିଜ କରି ଏ ରାଜ୍ୟକୁ ସମୃଦ୍ଧ କରିଥିଲେ । ମାଟିର ମହାକବି ସାରଳା ଦାସ, କବିସୂର୍ଯ୍ୟ ବଳଦେବ ରଥ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସୃଷ୍ଟି ସମ୍ଭାର ଅନ୍ୟ ଭାଷା ସାହିତ୍ୟରେ ଦୁର୍ଲଭ । କଟକର ସୁନାରୁପାର ତାରକସି କାମ, ପିପିଲିର ଚାନ୍ଦୁଆ, ସମ୍ବଲପୁରୀ ଶାଢ଼ୀର ଦେଶ ବିଦେଶରେ ବହୁତ ଆଦର ଥିଲା । ଓଡ଼ିଆ ଶିଳ୍ପୀର ନିହାଣ ମୁନରୁ ସୃଷ୍ଟି ହୋଇଥିଲା ମହାନ୍ କଳାର ନିଦର୍ଶନ କୋଣାର୍କର ସୂର୍ଯ୍ୟମନ୍ଦିର ଓ ପୁରୀର ଜଗନ୍ନାଥ ମନ୍ଦିର । ଆମ ରାଜ୍ୟରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । ଆମ ରାଜ୍ୟର ୧୨ ବର୍ଷର ପୁଅ ଧରମା କୋଣାର୍କ ମନ୍ଦିରର ଚୂଳ ବସାଇଥିଲା ।ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାପରେ ରାଜ୍ୟରେ ବହୁତ ଗୁଡ଼ିଏ ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହୋଇଛି । ଶିଳ୍ପ,କୃଷି.ପର୍ଯ୍ୟଟନ,ଶିକ୍ଷା ,ସ୍ୱାସ୍ଥ୍ୟ, କଳା ,ସଂସ୍କୃତି ଓ ଅନ୍ୟାନ୍ୟ ଦିଗରେ ଓଡ଼ିଶା ଆଜି ଆଗେଇଛି ପୂର୍ବାପେକ୍ଷା। କିନ୍ତୁ ଆମ ପୂର୍ବସୁରୀଙ୍କ ସ୍ୱପ୍ନ ଏବେବି ଅଧୁରା ରହିଛି । ଆମର ସମୃଦ୍ଧ ପରମ୍ପରା, ମହାନ୍ ସଂସ୍କୃତି, ଆମାପ ପ୍ରାକୃତିକ ସମ୍ପଦ ଆମ ବିକାଶରେ ସହାୟକ ହୋଇପାରିନାହିଁ । ସେ ବିଷୟରେ ଚିନ୍ତା କରିବାକୁ ଆମ ପାଖରେ ବେଳ ନାହିଁ । ଏବେ ନିର୍ବାଚନର ଏକ ମୁଖ୍ୟ ପ୍ରସଙ୍ଗ ରହିଛି ଆମ ଅସ୍ମିତା ଓ ସ୍ୱାଭିମାନ । ଅସ୍ମିତା ହେଉଛି ଗୋଟିଏ ଜାତିର ପରିଚୟ । କାରଣ ଗୋଟିଏ ଜାତି ଥିଲେ ତାର ଭାଷାଟିଏ ଥାଏ । ଭାଷା ଥିଲେ ତାର ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଥାଏ । ଏହାକୁ ଅକ୍ଷୁର୍ଣ୍ଣ ରଖିବା ସହ ସ୍ୱାଭିମାନର ସହ ବ ୍ବା ହେଉଛି ଆମ ଅସ୍ମିତା । ବହୁ ପ୍ରତୀକ୍ଷାର ଅନ୍ତପରେ ଓଡ଼ିଆ ଭାଷାକୁ ୨୦୧୪ମସିହାରେ ଶାସ୍ତ୍ରୀୟ ମାନ୍ୟତା ମିଳିଛି । ଷଷ୍ଠ ଭାରତୀୟ ଭାଷା ଭାବେ ଓଡ଼ିଆ ଏହି ଗୌରବର ଅଧିକାରୀ ହୋଇପାରିଛି । ଓଡ଼ିଶାର ଏହି ଐତିହାସିକ ସଫଳତା ଓଡ଼ିଆଙ୍କୁ ଗୌରବାନ୍ୱିତ ଓ ଉତ୍ସାହିତ କରିଛି । ଏହି ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ୨୦୧୪ମସିହା ମାର୍ଚ୍ଚ ୧୧ ତାରିଖକୁ ଶାସ୍ତ୍ରୀୟ ଭାଷା ଦିବସ ପାଳନ କରାଯାଉଅଛି । ସେହିପରି ନବୀନ ପଟ୍ଟନାୟକଙ୍କ ସମୟରେ ସଂସ୍କୃତି ବିଭାଗ ଅଲଗା କରାଯାଇଛି ଓ ପୁରୀ ଐତିହ୍ୟ କ୍ୟାବିନେଟ ବୈଠକରେ ଓଡିଆ ଭାଷାରେ ଶିକ୍ଷାନୁଷ୍ଠାନ , ବ୍ୟବସାୟ ପ୍ରତିଷ୍ଠାନ, ଗୁଡ଼ିକରେ ଓଡିଆରେ ନାମ ଫଳକ ଲେଖିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଏହାର ଉଲଂଘନ କଲେ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ଖାଲି ସରକାର ପଦକ୍ଷେପ ନେଲେ ଚଳିବ ନାହିଁ ଆମ ମାତୃଭାଷା ପ୍ରତି ଆମର ଅନୁରାଗ ରହିବା ଦରକାର। ଏଥିପାଇଁ ଆମ ମାନସିକତାରେ ପରିବ ର୍ନ ଆଣିବା ଦରକାର। କ୍ଷୋଭର ବିଷୟ ହେଉଛି ଓଡ଼ିଶାରେ ଆମ ଭାଷା ପ୍ରତି ଆମର ଅନାଦର ଭାବ । ଆମ ମୁଖ୍ୟମନ୍ତ୍ରୀ ଓଡିଆ କହିପାରନ୍ତିନି , ଲେଖି ପାରନ୍ତିନି ବୋଲି ଅଭିଯୋଗ ହୁଏ । କିନ୍ତୁ ତାଙ୍କରି ସମୟରେ ହିଁ ଦୀର୍ଘ ୫୪ ବର୍ଷ ପରେ ୧୯୫୪ ମସିହା ଭାଷା ଅଧିନିୟମକୁ ସଂଶୋଧନ କରାଯାଇଛି । ଓଡିଆ ଭାଷା ପ୍ରତିଷ୍ଠାନ ମଧ୍ୟ ଗଠନ କରାଯାଇଛି । ତାଙ୍କରି ସମୟରେ ହିଁ ଓଡିଆ ଭାଷାକୁ ଶାସ୍ତ୍ରୀୟମାନ୍ୟତା ମିଳିଛି । ସେହିପରି ଗତ ଫେବୃୟାରୀ ମାସରେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କରାଯାଇଥିଲା । ଏହାକୁ ଆମକୁ ମାନିବାକୁ ପଡିବ । ଭାଷା କେବଳ ସରକାରୀ ହୋଇଗଲେ କାମ ଚଳିବ ନାହିଁ । ଏଥରପାଇଁ ମିଳିତ ପ୍ରୟାସ ଲୋଡ଼ା । କ୍ଷୋଭର କଥା ଆମ ମାତୃଭାଷା ପ୍ରତି ଆମର ଅନାଦର ଭାବ ବଢ଼ିବାରେ ଲାଗିଛି । ଫଳରେ ଆମ ମାତୃଭାଷାର ପ୍ରସାର ପ୍ରଚାର ଠିକ୍ ଭାବରେ ହୋଇପାରୁନାହିଁ। ଏଭଳି ଦୁଃଖଦ ପରିସ୍ଥିତି ଭାରତରେ ଅନ୍ୟ କୌଣସି ଭାଷାଭାଷୀ ଅ ଳରେ ଦେଖିବାକୁ ମିଳେନାହିଁ । ସେଥିପାଇଁ ତ ବାଲେଶ୍ୱରରେ ବଙ୍ଗଳା ଭାଷା ଯେତିକି ପ୍ରିୟ, ମୟୁରଭଞ୍ଜ, ସୁନ୍ଦରଗଡ଼, ବରଗଡ଼, କଳାହାଣ୍ଡି ଇତ୍ୟାଦିରେ ହିନ୍ଦୀ ଭାଷା ମଧ୍ୟ ସେଭଳି ଲୋକପ୍ରିୟ । ଗଜପତି, ଗଞ୍ଜାମ ଓ କୋରାପୁଟରେ ତେଲଗୁ ଭାଷାର ପ୍ରାଧାନ୍ୟ କମ୍ ନୁହେଁ । ଆମକୁ ମନେ ରଖିବାକୁ ହେବ ମାତୃଭାଷା – ମାଅର ଭାଷା ଆମ ଅସ୍ମିତାର ପ୍ରତୀକ । ସେ ଅସ୍ମିତାକୁ ବଜାୟ ରଖିବା ପାଇଁ ଆନ୍ତରିକତା ଲୋଡା। ଏସବୁ କଥାକୁ ଆମକୁ ବୁଝିବାକୁ ହେବ। ଫକୀର ମୋହନଙ୍କ ଭାଷାରେ – ଭାଷା ଯେ ଜୀବନୀ ଶକ୍ତି ଜାତିମାନଙ୍କର ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର । ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ ।

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୯୩୭୧୫୧୦୫୨




# ଅନୁକରଣ


ବିଜୟ କୁମାର ଛାଟୋଇ

ରାମପୁର ଗାଆଁରେ ଜଣେ ଧନୀକ ବୁଢ଼ା ରହୁଥିଲେ । ସେ ଭାରି ଅଭିମାନୀ ଓ ଲୋଭୀ ଲୋକ । 'ଅଭିମାନ' ମଣିଷର ମାନବିକତାକୁ ନଷ୍ଟ କରି ଦିଏ ଏବଂ ଲୋଭ ମୃତ୍ୟୁର କାରଣ । ହେଲେ ଏକଥାକୁ ଧନୀକ କାହିଁକି ବା ପସନ୍ଦ କରିବ ? ସବୁ ଜାଣିଥିବା ମଣିଷ ଯେତେବେଳେ ଅମଣିଷ ପାଲଟିଯାଏ ସେତେବେଳେ ସିଏ ମଣିଷ ପଦବାଚ୍ୟ କି ? ବରଂ ତାକୁ ନରାଧମ କହିବା ଛଡ଼ା ଆଉ କିଛି କୁହାଯାଇ ନପାରେ । ତେଣୁ ସେ ଯାହା ହେଉନା କାହିଁକି ସେହି ଧନୀକ ତାର ଜୀବନରେ କେବେ ବି କାହାର ସୁଚିନ୍ତା କରୁ ନ ଥିଲା । ସେଥିପାଇଁ ତାର ମାନବିକତା ଧିରେଧିରେ ହଜି ଯାଉଥାଏ । ସ୍ୱଭାବ ସୁଲଭ ଗୁଣ ଥିବା ମଣିଷକୁ ସମସ୍ତେ ଆଦର କରୁଥିବା ବେଳେ କୁସ୍ୱଭାବ ମଣିଷଟି ସମାଜରେ କେବଳ ନିନ୍ଦା ହିଁ ନିନ୍ଦା ବାଜଣା ପାଏ । ଧନୀକ ଲୋକଟିର ଚଳିବାରେ କୌଣସି ଅସୁବିଧା ନ ଥିଲା । ସେ ସେହି ଗାଆଁର ଅଭାବୀ ଲୋକଙ୍କୁ ସାହାଯ୍ୟ କରିବା ବଦଳରେ ସେମାନଙ୍କଠାରୁ ଧାନ, କଉଡ଼ି ଓ ସୁନାରୂପାଆଦି ମୂଲ୍ୟବାନ ଜିନିଷପତ୍ରକୁ ବନ୍ଧକରୂପେ ନେଇ ସେମାନଙ୍କୁ କରଜ ଆକାରରେ ଖୁବ୍ କମ୍ ଟଙ୍କାପଇସା ଦେଣନେଣ କରୁଥିଲା । ଏହା ଫଳରେ ଧନୀକ ବୁଢ଼ାର ଦିନକୁ ଦିନ ଭଲ ଲାଭ ହେଲା । ସେ ଲୋକଙ୍କଠାରୁ ବେଶିବେଶି ଚଢ଼ାଦରରେ ସୁଧ (ଲାଭ) ରଖି ଲୋଭୀ ଓ ଅତିନିଷ୍ଠୁର ପାଲଟି ଗଲା । ଲୋକମାନେ ତାକୁ ଆଉ କେହି ସୁଖ ପାଇଲେ ନାହିଁ । କିନ୍ତୁ ଲୋକଙ୍କୁ ବେଶି ଅଭାବ ହେବାରୁ ଲୋକଙ୍କର ସବୁ ବିଲବାଡ଼ି ଧନୀକ ହାତକୁ ବଳେ ଚାଲିଗଲା । ତଥାପି କରଜପତ୍ର ଆଣିବାକୁ ହେଲେ ଧନୀକ ପାଖକୁ ହିଁ ଯିବାକୁ ପଡ଼ିଥାଏ । ଯେତେବେଳେ ଲୋକେ ତା'ପାଖରୁ ଆର୍ଥିକ ପୀଡ଼ା ପାଇ ଅତିଷ୍ଠ ହୋଇପଡୁଥାଆନ୍ତି । ସେତେବେଳେ ଲୋକେ ରାମବାବୁଙ୍କୁ ମନେପକାଇ ଝୁରି ହୁଅନ୍ତି । ରାମବାବୁ ସେହି ଗାଆଁର ଜଣେ ଜଣାଶୁଣା ପରୋପକାରୀ ଲୋକ । ସେ ଅଭାବ ଅସୁବିଧା ଲୋକଙ୍କର ଦୁଃଖ ଦେଖିଲେ ସହି ପାରନ୍ତି ନାହିଁ । ନିଜେ ମରିଯିବେ ପଛେ ଅନ୍ୟକୁ ସାହାଯ୍ୟ କରିବାରେ ହେଳା କରନ୍ତି ନାହିଁ । ସେ କେଇ ବର୍ଷ ହେଲା ସର୍ବଭାରତୀୟ ସ୍ତରରେ ବଡ଼ ଚାକିରୀ ପାଇ କେନ୍ଦ୍ର ସରକାରଙ୍କ ଦପ୍ତରରେ ଯୋଗଦେଇଛନ୍ତି । ଏମିତି କେତେବେଳେ କେତେବେଳେ ତାଙ୍କର ଗାଁ ଲୋକଙ୍କ କଥା ମନେ ପଡ଼ିଲେ ପୋଷ୍ଟମ୍ୟାନ ହାତରେ ଲଫାପାରେ ଲେଖାଟିଏ ପଠାଇ ସୁବିଧା ଓ ଅସୁବିଧା କଥା ବୁଝନ୍ତି । ଏ ସାଲେ ତାଙ୍କର ଚିଠି ଆସିଥିଲା ସେଥିରେ ସେ କହିଛନ୍ତି ଦୁର୍ଗାପୂଜାକୁ ଗାଁକୁ ଆସିଲେ ଆଉ ବିଦେଶ ଯିବେ ନାହିଁ ବୋଲି । ସତକଥା ହେଲା ସମସ୍ତଙ୍କର ସବୁବେଳେ ଭଲଲୋକଟିଏ ମନେପଡ଼ନ୍ତି । ଅସୁବିଧାରେ ସାହାର୍ଯ୍ୟ ସହଯୋଗ କରୁଥିବା ଲୋକ ଗରିବଙ୍କପାଇଁ ଭଗବାନ ପାଲଟି ଥାଆନ୍ତି । ସେହିମାନଙ୍କ ଯୋଗୁଁ ଦେଶ ପ୍ରଗତିର ସିଡି ଚଢ଼ି ଆଉ ପାଦେ ଆଗୁଆ ହୋଇଯାଏ । ଧନୀକ କିନ୍ତୁ ଗରିବଙ୍କଠୁ ଧନ ତୋଷରପାତ କରିବାରେ ସଠ ପାଲଟିଯାଇଥାଏ। ଛୋଟବଡ଼ ଭେଦଭାବର ଗୁଞ୍ଜରଣ ତିଆରି କରି ଗାଆଁକୁ ନଷ୍ଟ କରୁଥାଏ। ସରକାରୀ ଧନ ଦେଖିଲେ ତାର ପାଟିରୁ ଲାଳ ବୋହିଯାଏ। କିପରି କଳେବଳେକୌଶଳେ ସରକାରୀ ଧନ ଗର୍ଭକୁ କ୍ଷେପିବ ସେ କଳାବୁଦ୍ଧି ତାକୁ ଭଲଭାବରେ ମାଲୁମ ଥାଏ । ଧନୀକ ଆଗରେ ଜଣିଏ ବି ଲୋକ ପାଟି ଖୋଲି ସଠିକ୍ କଥା କହିବାକୁ କାହାର ସାହାସ ନ ଥିଲା । ଦିନକୁ ଦିନ ତାର ଗର୍ବ ଓ ଅହଂକାର ବଢିବଢି ଚାଲିଥାଏ । ଏପରି ଉଦ୍ଧତ ପଣିଆକୁ ଭଗବାନ କେବେ ସହି ନ ଥାନ୍ତି ବୋଲି ଗାଆଁର ଲୋକେ କୁହାକୁହି ହେବା ଛଡ଼ା ଅନ୍ୟ ଗତି ନ ଥାଏ । ଧନୀକର ଏପରି ଅନୈତିକ କାର୍ଯ୍ୟ କଳାପ ଯୋଗୁଁ ଲୋକମାନେ ନୈତିକ ମନସ୍ତାପ କରୁଥାଆନ୍ତି ।

ଚାହୁଁ ଚାହୁଁ ଆଶ୍ୱିନ ମାସ ଉପଗତ ହେଲା । ଶରତ ଋତୁର ପ୍ରଭାବରେ ପୃଥିବୀରାଣୀର ସୌନ୍ଦର୍ଯ୍ୟ କଥା କହିଲେ ନ ସରେ । ବଣବୁଦା, ପାହାଡ଼ଜଙ୍ଗଲ, ନଦୀ ଝରଣା ଏବଂ ଗଛଲତା ସମସ୍ତେ ଖୁସିମନାଉ ଥାଆନ୍ତି । ମାଆ ଦୁର୍ଗାଙ୍କରଆବାହନୀ ପର୍ବ ଆସିବାକୁ ଦଶଦିନ ବାକି ଥାଏ । ଏଥର ମହିଷାସୁରର ବଧ ହେବ ବୋଲି ସମସ୍ତେ କୁହାକୁହି ହେଉଥାଆନ୍ତି । ରାମବାବୁ ସହରରୁ ଫେରୁଛନ୍ତି , ଏବର୍ଷ ଦଶହରା ପର୍ବ ବଡ଼ ଧୁମଧାମରେ ପାଳନ ହେବ , ଏହି କଥାଟି ବଡ଼ପାଟିରେ ପୋଷ୍ଟମ୍ୟାନ କହି ଚିଲାଇ ହେଉଥାଏ । ପୋଷ୍ଟମ୍ୟାନର କଥା ଶୁଣି ସମସ୍ତେ ଖୁସି ହେଉଥାଆନ୍ତି । ପୋଷ୍ଟମ୍ୟାନ ଏହି ଗାଆଁର ଲୋକ । ସିଏ ବି ଏବର୍ଷ ଦିଅଁଙ୍କ ଆଗରେ ମୁଣ୍ଡିଆ ମାରି ଧନୁଶର ଧରି ଅସୁରକୁ ମାରିବ । ସେଥିପାଇଁ ତାର ଖୁସି କହିଲେ ନ ସରେ । ସମସ୍ତେ କହୁଥାଆନ୍ତି 'ଏଥର ଅସୁର ମରିବ ! ଆମ ରାମବାବୁ ଆସିଲେ ଦୁର୍ଗାପୂଜା ଉପଲକ୍ଷେ ବୈଠକ ହେବ ।' କିନ୍ତୁ ଧନୀକ ଭୟରେ କେହି ପାଟିଖୋଲି କିଛି କହିପାରୁ ନ ଥାନ୍ତି । ହେଲେ କ'ଣ ହେବ 'ଈଶ୍ୱରେଚ୍ଛା ବଳୀୟସି' ! ସମସ୍ତେ ଯାହା ଚାହୁଁଥିଲେ ସେଇଆ ହିଁ ହେଲା । ରାମବାବୁ ଆସିବାରୁ ଦୁର୍ଗାପୂଜା ବୈଠକ ଡକାଗଲା । ରାମବାବୁ ବୈଠକରେ ସଭାପତିତ୍ୱ କଲେ। ସେ ଗାଆଁର ମୁଖିଆଙ୍କୁ ଯଥୋଚିତ ସମ୍ମାନ ଦେଇ କାର୍ଯ୍ୟକ୍ରମ ଆରମ୍ଭ ହେଲା । ବୈଠକର ନିଷ୍ପତ୍ତି ଅନୁଯାୟୀ ସେ ସବୁଲୋକଙ୍କୁ ସାଥିରେ ନେଇ ମାଆଦୁର୍ଗାଙ୍କର ମାଟିମୂର୍ତ୍ତି ଗଢ଼ାଇଲେ । କୌଣସି ପାତର ଅନ୍ତରଠୁ ଦୂରରେ ରହି ସମସ୍ତେ ପୂଜା ମଣ୍ଡପରେ ଉପସ୍ଥିତ ରହି ନିଜ ନିଜର ସମାନ ଅଧିକାରକୁ ଉପଭୋଗ କଲେ । ଉଚ୍ଚ ନୀଚ, ଧନୀ ଗରିବ, ପର ଆପଣା ଏବଂ ଜାତି ଅଜାତିକୁ ଭୁଲି ରାମବାବୁ ଗୁରୁଜନଙ୍କୁ ମୁଣ୍ଡ ନୁଆଁଇ ପ୍ରଣତି ବାଢ଼ିବା ସହ ଲଘୁଜନମାନଙ୍କୁ ସ୍ନେହ ଓ ଶ୍ରଦ୍ଧା ସୁମନ ଅର୍ପଣ କରି ସମସ୍ତଙ୍କର ପ୍ରିୟପାତ୍ର ହେଉଥିଲେ । ରାମବାବୁଙ୍କର ଏପରି ସ୍ୱଭାବ ସୁଲଭ ଗୁଣକୁ ଦେଖି ଧନୀକ ବୁଢ଼ା ଆପେ ତରଳି ଗଲା । ନିଜକୁ ଧିକାର କରି କହୁଥାଏ – ' ହେ ଭାଇମାନେ ! ମୋ ପରି ଜଣେ ଆତ୍ମଘାତୀକୁ ଯମପୁରରେ ବି ସମ୍ମାନ ମିଳିବା ଅନୁଚିତ୍ । ଭଲ ଲୋକ ସବୁବେଳେ ଭଲ ହୋଇଥାଏ । ମନ୍ଦ ଲୋକ ଛଳନାରେ କେବେ ବି ଭଲ ହୋଇଯାଏ ନା। ' ସେହିଦିନଠାରୁ ଧନୀକ ନିଜର ସଠତାକୁ ଛାଡ଼ିଦେଲା ଏବଂ ଅଭାବୀଲୋକଙ୍କର ବନ୍ଧାରଖିଥିବା ଜିନିଷପତ୍ର ସବୁ ସେମାନଙ୍କୁ ଫେରାଇ ମଣିଷପଣିଆ ଦେଖାଇ ହେଲା । ଧନୀକ ବୁଢ଼ାର ଏତାଦୃଶ ପରିବର୍ତ୍ତନ ଦେଖି ରାମବାବୁ କହୁଥାଆନ୍ତି – 'ମଣିଷ ବେଳେବେଳେ ଅନୁକରଣ କରି ଶିଖେ'।

*ସାକ୍ଷୀଗୋପାଳ, ପୁରୀ*

## ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ୍ୟ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ୍ୟ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା । ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ପୁପୁ ମହାପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ । ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ । ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା । ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି । ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ , ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ । ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ । ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ ।

# ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି । ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି । ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ । ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲିପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି । ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ । ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ ।ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି ।ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି ।ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି ।ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା,ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ,ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ । ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା । ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା । ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା । ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରିଥିଲେ । ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି । ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ ।

# ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟିତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭୁବନେଶ୍ୱରରେ ଚଳଚ୍ଚିତ୍ର 'ଛାୱା' ର ସ୍ୱତନ୍ତ୍ର ପ୍ରଦର୍ଶନ

ଭୁବନେଶ୍ୱର,(ପି.ଏନ): ବିଶ୍ୱ ସମ୍ବାଦ କେନ୍ଦ୍ର,ଓଡିଶା ଦ୍ୱାରା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଛାୱା' ଭୁବନେଶ୍ୱରରେ ସ୍ୱତନ୍ତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ପ୍ରେକ୍ଷାଳୟରେ ମୁକ୍ତିଲାଭ କଲାପରେ ଏହି ଚଳଚ୍ଚିତ୍ରକୁ ଜବରଦସ୍ତ ସଫଳତା ମିଳିଛି । ଏହି ଫିଲ୍ମରେ ଭିକି କୌଶଳ, ରଶ୍ମିକା ମନ୍ଦାନ୍ନା ଏବଂ ଅକ୍ଷୟ ଖାନ୍ନା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି, ଏବଂ ସେମାନଙ୍କର ଚମତ୍କାର ଅଭିନୟ ଦର୍ଶକଙ୍କୁ ବହୁତ ପସନ୍ଦ ଆସୁଛି । ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକରଙ୍କ ଚଳଚ୍ଚିତ୍ର 'ଛାୱା' ଛତ୍ରପତି ସମ୍ଭାଜୀ ମହାରାଜଙ୍କ ବୀରତ୍ୱକୁ ଚିତ୍ରଣ କରିଛି, ଯାହା ଯୋଗୁଁ ତାଙ୍କର ନାମ ଛାୱା (ସିଂହ ଛୁଆ) ରଖାଯାଇଥିଲା । ଯିଏ ନଅ ବର୍ଷ ପର୍ଯ୍ୟନ୍ତ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଜୀବନକୁ ନିୟନ୍ତ୍ରଣରେ ରଖିଥିଲେ । ଯାହାଙ୍କ ଗର୍ଜନରେ ମରାଠାମାନେ ମୋଗଲ ସୁଲତାନତକୁ ଚ୍ୟାଲେଞ୍ଜ କରିବା ପାଇଁ ଏକତ୍ରିତ ହୋଇଥିଲେ । ଲକ୍ଷ୍ମଣଙ୍କ ଚଳଚ୍ଚିତ୍ରର କାହାଣୀ ପ୍ରସିଦ୍ଧ ମରାଠୀ ଔପନ୍ୟାସିକ ଶିବାଜୀ ସାୱନ୍ତଙ୍କ ମରାଠୀ ଉପନ୍ୟାସ 'ଛାୱା' ଉପରେ ଆଧାରିତ । ବିଶ୍ୱ ସମ୍ବାଦ କେନ୍ଦ୍ର ଓଡିଶା ତରଫରୁ ସୁମନ୍ତ କୁମାର ପଣ୍ଡା,ମନିନ୍ଦ୍ର ସୁନ୍ଦର ଦାଶ,ଗୋଲଖ ଚନ୍ଦ୍ର ଦାସ, ଜୟକୃଷ୍ଣ ପୃଷ୍ଟି,ଦୁଷ୍ମନ୍ତ କୁମାର ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଅଭିନେତା ଭିକି କୌଶଳଙ୍କ ଅଭିନୟ ବିଷୟରେ ଯଦି ଆଲୋଚନା କରିବା ତେବେ ତାଙ୍କର ପ୍ରତ୍ୟେକ ଆଲୋଚନାରେ 'ଛାୱା' ଫିଲ୍ମର ଉଲ୍ଲେଖ ନିଶ୍ଚିତ ଭାବରେ ରହିବ । ରଶ୍ମିକା ମନ୍ଦାନ୍ନା 'ଛାୱା' ଚଳଚ୍ଚିତ୍ରରେ ମରାଠା ରାଣୀ ୟେସୁବାଇଙ୍କ ଭୂମିକାରେ ଅଭିନୟ କରିଥିଲେ । ଫିଲ୍ମରେ ଦିବ୍ୟା ଦତାଙ୍କ ଚରିତ୍ର ତାଙ୍କ ଅପେକ୍ଷା ଅଧିକ ଜୀବନ୍ତ । ଫିଲ୍ମରେ ସହାୟକ




କଳାକାରଙ୍କ ମଧ୍ୟରେ ବିନୀତ ସିଂହ ସର୍ବୋତମ କାମ କରିଛନ୍ତି । ସେ ସମ୍ଭାଜୀଙ୍କ ଦରବାର କବି । ଆଶୁତୋଷ ରାଣା ସେନାପତି ଭାବରେ ଡାଏନା ପେଂଟିଙ୍କୁ ଅକ୍ଷୟ ଖାନ୍ନାଙ୍କ ସହିତ ଅଭିନୟ କରିବାରେ ଦେଖା ଦେଇଛି । ଏହି ଚଳଚିତ୍ରରେ ଏ.ଆର.ରେହମାନଙ୍କ ସଂଗୀତର ସମସ୍ତଙ୍କୁ ମନମୁଗ୍ଧ କରିଛି । ଛତ୍ରପତି ଶିବାଜୀ ମହାରାଜଙ୍କ ମୃତ୍ୟୁ ପରେ'ଛାୱା' ର କାହାଣୀ ସୃଷ୍ଟି ହେଉଛି । ଶିବାଜୀ ଶିବଲୋକ ଯିବା ପରେ ସମ୍ଭାଜୀ ରାୟଗଡ଼ର ସିଂହାସନ ପାଇଥିଲେ । ଏହି ଫିଲ୍ମଟି ସମ୍ଭାଜୀ ଏବଂ ଔରଙ୍ଗଜେବଙ୍କ ନଅ ବର୍ଷର ଜୀବନ ଉପରେ ଆଧାରିତ । ୧୬୮୦ ରୁ ୧୬୮୯ ସମୟର ଏହି କାହାଣୀ ଦୁଃଖଦ ଏବଂ ଦୁଃଖଦ ଅପେକ୍ଷା ଅଧିକ ଭୟଙ୍କର । ମୋଗଲ ସାମ୍ରାଜ୍ୟର ସମ୍ରାଟ ଔରଙ୍ଗଜେବ ଅନୁଭବ କରନ୍ତି ଯେ ଏବେ ଦାକ୍ଷିଣାତ୍ୟରେ ତାଙ୍କୁ ପରାସ୍ତ କରିବା ପାଇଁ ଆଉ କେହି ନାହାନ୍ତି । ସେ ଏବେ ଏକାକୀ ମରାଠାମାନଙ୍କୁ ଶାସନ କରିପାରିବେ । କିନ୍ତୁ ସେ ଏହି କଥା ଜାଣି ନଥିଲେ ଯେ ଛତ୍ରପତି ଶିବାଜୀ ମହାରାଜଙ୍କ ୨୪ ବର୍ଷୀୟ ନିର୍ଭୀକ ଏବଂ ସାହସୀ ପୁଅ ସମ୍ଭାଜୀ ଓରଫ ଛାୱା (ଭିକି କୌଶଳ) ତାଙ୍କ ପିତାଙ୍କ ସ୍ୱରାଜ ସ୍ୱପ୍ନକୁ ଆଗକୁ ବଢାଇବାକୁ ଦୃଢ଼ ସଂକଳ୍ପବଦ୍ଧ । ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ସମ୍ଭାଜୀଙ୍କ ପତ୍ନୀ (ରଶ୍ମିକା ମନ୍ଦାନ୍ନା) ମଧ୍ୟ ତାଙ୍କ ସାହସୀ ରାଜାଙ୍କ ସହିତ ଛିଡ଼ା ହୋଇଛନ୍ତି । ସମ୍ଭାଜୀ ତାଙ୍କର ସେନାପତି, ସାର୍ ଲସ୍କର ଓରଫ ହାମ୍ବିରାବ ମୋହିତେ (ଆଶୁତୋଷ ରାଣା) ଏବଂ ସାହସୀ ସୈନିକମାନଙ୍କ ସହିତ, ଔରଙ୍ଗଜେବଙ୍କ ସୁଲତାନତର ଏକ ଗୁରୁତ୍ୱପୂର୍ଣ୍ଣ ଗଡ଼ ବୁରହାନପୁର ଉପରେ ଆକ୍ରମଣ କରନ୍ତି । ଏହା ପରେ ହିଁ ଔରଙ୍ଗଜେବ, ତାଙ୍କ ଝିଅ (ଡାଏନା ପେଂଟ) ଏବଂ ବିଶାଳ ମୋଗଲ ସେନା ସମ୍ଭାଜୀଙ୍କ ସାହସିକତା ବିଷୟରେ ଜାଣିପାରିଲେ । ଏହି ପ୍ରଥମ ବିଜୟ ପରେ ସମ୍ଭାଜୀ ଏବଂ ତାଙ୍କର ଶକ୍ତିଶାଳୀ ସେନା ନଅ ବର୍ଷ ଧରି ଔରଙ୍ଗଜେବଙ୍କ ସୁଲତାନତର ବିଭିନ୍ନ ଦୁର୍ଗ ଉପରେ ଆକ୍ରମଣ କରି ତାଙ୍କର ରଣନୀତିକୁ ନଷ୍ଟ କରିଦେଲେ । ଏହାପରେ ସମ୍ଭାଜୀ ଔରଙ୍ଗଜେବଙ୍କ ପାଇଁ ଏତେ କଂଟା ପାଲଟି ଯାଇଥିଲେ ଯେ ସେ ତାଙ୍କର ସମସ୍ତ କୂଟନୈତିକ ଚାଲ ସତ୍ତ୍ୱେ ତାଙ୍କୁ ହଟାଇ ପାରିଲେ ନାହିଁ । କିନ୍ତୁ ତା'ପରେ ମହାବୀର ସମ୍ଭାଜୀ, ଯିଏ ସିଂହ ଗର୍ଜନ ପରି ନିର୍ଭୀକ ଏବଂ ପବନ ପରି ଚତୁର ଥିଲେ, ତାଙ୍କ ନିଜ ଲୋକଙ୍କ ଦ୍ୱାରା ବିଶ୍ୱାସଘାତକତାର ଶୀକାର ହେଲେ । ସମ୍ଭାଜୀଙ୍କୁ ବନ୍ଦୀ କରିବା ପାଇଁ ଔରଙ୍ଗଜେବ ଦିଲ୍ଲୀ ଛାଡିଛନ୍ତି । ସଙ୍ଗମେଶ୍ୱରରେ ଅପେକ୍ଷା କରି ରହିଥିବା ତାଙ୍କର ପରମ ଶତ୍ରୁ ଔରଙ୍ଗଜେବ ସମ୍ଭାଜୀଙ୍କୁ ଗିରଫ କରନ୍ତି । ଔରଙ୍ଗଜେବଙ୍କ ହାତରେ ସମସ୍ତ ଆତ୍ମାକୁ ଆନ୍ଦୋଳିତ କରୁଥିବା ଶାରୀରିକ ନିର୍ଯାତନା ପରେ, 'ଛାୱା' କ'ଣ ତାଙ୍କ ଶତ୍ରୁ ନିକଟରେ ଆତ୍ମସମର୍ପଣ କରିବେ ? ଏହା ଜାଣିବା ପାଇଁ ଆପଣଙ୍କୁ ଫିଲ୍ମ ଦେଖିବାକୁ ପଡିବ ।

## କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦୁଝର(ପିଏନ)-ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକ୍‌କୁ ୭ ଦିନ ମଧ୍ୟରେ ପରିକ୍ରମା କରି ସଚେତନତା କରିବ । ଏଥି ସହିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ମାନସିକ ସଚେତନତା ହୋଡିଙ୍ଗ୍‌କୁ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଡି.ପି.ଏମ୍. ଦିଲ୍ଲିପ କୁମାର ଦୁବେ, ମାନସିକ ରୋଗ ଚିକିତ୍ସା ଅଧିକାରୀ ଡାଃ ନିହାର ରଂଜନ ରଥ ଓ ଡାଃ ସୁଶାନ୍ତ ମାଝୀ, ଡି.ପି.ଏଚ୍.ସି.ଓ. ପିତବାସ ମିଶ୍ର, ଏଡିପିଏଚ୍‌ସିଓ ଶ୍ରୀକାନ୍ତ ସେଠୀ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏସ୍.ଡବ୍ଲ୍ୟୁ. ବିକାଶ ମହାନ୍ତ ଓ ଗୋଷ୍ଠୀ ସେବିକା ଜୟନ୍ତି ଦାଶ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବାଲିଆଗୋଡା ସର୍ଭିସ୍ ରୋଡ୍ ପାଲଟିଛି ମରଣଯନ୍ତା, କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ



କେନ୍ଦୁଝର(ପିଏନ)-କଥାରେ ଅଛି ଦେଲା ପୁଅ ଗେହ୍ଲା ନ ଦେଲା ପୁଅ ମଲା । କିନ୍ତୁ କେନ୍ଦୁଝର ଜିଲ୍ଲା ପାଇଁ ଏହି ଉକ୍ତିଟି ସମ୍ପୂର୍ଣ୍ଣ ବିପରୀତ । ରାଜ୍ୟ ରାଜକୋଷକୁ ସିଂହ ଭାଗର ରାଜସ୍ୱ ଦେଇ ଆସୁଥିବା କେନ୍ଦୁଝର ଜିଲ୍ଲା ସେଦିନ ଅବେହଳିତ ଥିଲା ଆଜି ବି ଅବହେଳିତ ହୋଇ ପଡି ରହିଛି । ଏଠାରେ ନାଁ ଅଛି ବିକାଶ ନାଁ ଅଛି ପ୍ରଗତୀ, ଏଠାରେ ପ୍ରାୟତଃ ସରକାରଙ୍କ ଯୋଜନା ପ୍ରଚାର ପ୍ରସାରରେ ସୀମିତ । ଯାହା କେନ୍ଦୁଝର ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବା ବାଲିଆଗୋଡା ସ୍ଥିତ ସର୍ଭିସ୍ ରୋଡ୍‌କୁ ଦେଖିଲେ ସହଜରେ ଜଣା ପଡିଯାଉଛି । କେନ୍ଦୁଝର ଜିଲ୍ଲା ଖଣିଜ ସାମଗ୍ରୀରେ ଭରପୁର ଥିବାରୁ ପ୍ରାୟ ସବୁଦିନ ଏହି ରାସ୍ତା ଦେଇ ଶହ ଶହ ଟ୍ରିପ୍ ଖଣିଜ ସାମଗ୍ରୀ ପରିବହନ ହୋଇଥାଏ । କିନ୍ତୁ ଯେଉଁ ରାସ୍ତା ପାଇଁ ରାଜକୋଷକୁ କୋଟି କୋଟି ଟଙ୍କାର ରାଜସ୍ୱ ଯାଇଥାଏ ସେହି ରାସ୍ତାର ଅବସ୍ଥା ସ୍ୱ ଚକ୍ଷୁରେ ନ ଦେଖିଲେ ବିଶ୍ୱସ ହେବନାହିଁ । ବିଶେଷ କରି ବାଲିଆଗୋଡା ଠାରେ ଥିବା ସର୍ଭିସ ରୋଡ୍‌ରେ ପ୍ରାୟ ୩ଫୁଟର ଖାଲ ହେବା ଫଳରେ ମୋଟରସାଇକେଲ ବି ଆସିବା କଷ୍ଟକର ହୋଇ ପଡିଛି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତା ଦେଇ ସିରିୟସ ରୋଗିଟିଏକୁ ନେଇ ଆସୁଥିବା ଆମ୍ବୁଲାନ୍ସ ଡାକ୍ତରଖାନାରେ ପହଂଚି ନପାରିବା ପ୍ରଶାସନର ପାରିବା ପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହି ରାସ୍ତା ଦେଇ ଅଟୋ କିମ୍ବା ଚାରି ଚକିଆ ଯାନ ଆସିପାରୁ ନଥିବା ବେଳେ ଭାରୀଯାନ ଜୋର ଜବରଦସ୍ତ ଆସିବା ଯୋଗୁଁ ରାସ୍ତାର ଖାଲରେ ପଡି ଯାନ୍ତ୍ରୀକ ତ୍ରୁଟି ହେବା ଫଳରେ ଦିନ ଦିନ ଧରି ରାସ୍ତା ଉପରେ ଅଟକି ରହୁଛି । ଫଳରେ ଅନେକ ସମୟରେ ରାସ୍ତା ଜାମ୍ ରହିବା ଯୋଗୁଁ ସାଧାରଣ ଜନତା ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନରେ ହଜାର ହଜାର କୋଟି ଟଙ୍କା ଗଛିତ ଥିବାବେଳେ ସଦର ମହକୁମା ଠାରୁ ମାତ୍ର ୩କି.ମି. ଦୂରରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । କହିବାକୁ ଗଲେ ପ୍ରଶାସନର ଉଦାସିନତା ଯୋଗୁଁ ଏହି ରାସ୍ତା ଏବେ ପାଲଟିଛି ମରଣଯନ୍ତା । କାରଣ ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କିଛିଦିନ ପୂର୍ବରୁ ପ୍ରଶାସନ ତରଫରୁ କିଛି ଚିପ୍ସ ଓ ବଜୁରୀ ରାସ୍ତାରେ ପକାଇ ଦେଇ ନିଜର କ ର୍ବ୍ୟ ସାରି ଦେଇଥିଲେ । କିନ୍ତୁ ଏହା ୧୫ଦିନ ମଧ୍ୟରେ ଅବସ୍ଥା ପୁଣି ଯଥା ପୂର୍ବଂ ତଥା ପରଂ । ଯଦି କେନ୍ଦୁଝର ମହକୁମାରୁ ଚମ୍ପୁଆ, ଝୁମ୍ପୁରା, ଯୋଡା, ବଡବିଲ ଆଦି ମହତ୍ୱପୂର୍ଣ୍ଣ ଜାଗାକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତାର ଅବସ୍ଥା ଏୟା ତେବେ ଗାଁ ଗହଳି ମାନଙ୍କର ରାସ୍ତାର ଅବସ୍ଥା କଣ ହୋଇଥିବ ସହଜରେ ଅନୁମାନ କରି ହେଉଛି ବୋଲି ଜନସାଧାରଣରେ ଆଲୋଚନା ହେଉଛି ।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକା

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କ ାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କ ାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କ ାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଏକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍‌ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଚିକିତ୍ସା ଅଭାବରୁ ତିନି ବର୍ଷ ହେଲା ଖଟରେ ଶୋଇ ରହିଛନ୍ତି ରୁଆବତୀ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ବୁଡୁରିକିଆ ପଂଚାୟତ ମାଦିନାଟ ପସାରୀ ସାହିରେ ରୁଆବତୀ ମଲ୍ଲିକ (୪୫)ଖଟରେ ପଡି ରହି କଷ୍ଟ ପାଉଛନ୍ତି ପ୍ରତି ମାସରେ ସ୍ତ୍ରୀ ରୋଗ ଜନିତ ସମସ୍ୟା ଦେଖାଯାଉଛି ବୋଲି କହିଛନ୍ତି । ଏନେଇ ତାଙ୍କର ଦେହ ଶୁଖି ଶୁଖି ଯାଉଛି,ସ୍ୱାମୀ ଏବଂ ତିନୋଟି ପୁଅ ଗୋଟିଏ ଝିଅ ସହ ରୁହନ୍ତି । ସ୍ୱାମୀ ଦିନ ମଜୁରିଆ ଭାବେ କାମ କରି ଘର ଚଳାଉଛନ୍ତି । ପିଲାମାନଙ୍କ ପାଠ ପଢ଼ାରେ ଏବଂ ଘର ଖର୍ଚ୍ଚ କରି ବଳକା ହେଲେ କିଛି ଔଷଧ କିଣିବାକୁ ଅସମର୍ଥ ଅଟନ୍ତି । ସବୁ ମାସରେ ଔଷଧ କିଣିବାକୁ ଅର୍ଥ ଯୋଗାଡ ହୋଇପାରେ ନାହିଁ । ରୁଆବତୀଙ୍କ ସ୍ୱାମୀ ନାଜିରା ମଲ୍ଲିକ କହିବା ଅନୁଯାୟୀ ସେ ପ୍ରଥମେ ତାଙ୍କ ସ୍ତ୍ରୀଙ୍କୁ ଧରି ବାଲିଗୁଡା ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପରାମର୍ଶ ଦେଇଥିଲେ । ସେଠାରେ ମଧ୍ୟ ସେହି ସମସ୍ୟା ମୁଖ୍ୟ ଡାକ୍ତରଖାନର ଡାକ୍ତର ବ୍ରହ୍ମପୁର ନେବାକୁ କହିଥିଲେ । ନାଜିରାଙ୍କ ପାଖରେ ବ୍ରହ୍ମପୁର ନେବାପାଇଁ ଆର୍ଥିକ ସମ୍ବଳ ନଥିବାରୁ ସେହିଦିନଠାରୁ ରୁଆବତୀ ଖଟରେ ଜୀବନ ବିତାଉଛନ୍ତି । ତାଙ୍କ ଦୁଃଖରେ ସ୍ୱାମୀ ମଧ ଭାଙ୍ଗି ପଡିଛନ୍ତି । ସେ କହିଛନ୍ତି ସରକାର ଏତେ ଯୋଜନା କରିଛନ୍ତି ଅଥଚ ଆମ ଭଳିଆ ଗରିବ ଆଦିବାସୀଙ୍କ ନିକଟକୁ କାହିଁକି ପହଂଚିପାରୁ ନାହିଁ । ନେତା ରାଜନେତା ସମସ୍ତେ ଆସନ୍ତି ଭୋଟ ନେବାକୁ ହେଲେ ଆମ ଗୁହାରୀ କେହି ଶୁଣୁ ନାହାନ୍ତି । ତେଣୁ ସରକାରଙ୍କ ତରଫରୁ ଜଦି କିଛି ସହାୟତା ମିଳିପାରନ୍ତା ମୋ ସ୍ତ୍ରୀ ନିଶ୍ଚୟ ଭଲ ହୋଇପାରନ୍ତା ବୋଲି କହିଛନ୍ତି ଗରିବ ଆଦିବାସୀ ନାଜିରା ।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday February 16 | ଭୁବନେଶ୍ୱର ରବିବାର, ଫେବୃଆରୀ ୧୬,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

## ଚାମ୍ପିୟନ୍ସ ଟ୍ରଫି ରୋହିତ, ବିରାଟ ଓ ଜାଡେଜାଙ୍କ ଶେଷ ଆଇସିସି ଇଭେଣ୍ଟ !



ଭୁବନେଶ୍ୱର,(ପି.ଏନ): ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାଇଁ ଟିମ ଇଣ୍ଡିଆ ଜୋରଦାର ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଫେବୃଆରୀ ୧୯ରୁ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ଆରମ୍ଭ ହେଉଥିବା ବେଳେ ଭାରତ ୨୦ ତାରିଖରେ ନିଜର ପ୍ରଥମ ମ୍ୟାଚ୍ ? ଖେଳିବ। ଭାରତୀୟ ଟିମ ଦୁବାଇରେ ବାଂଲାଦେଶକୁ ପ୍ରଥମ ମ୍ୟାଚ୍ ?ରେ ସାମ୍ନା କରିବ। ୨୦୧୭ ପରେ ଆଉ ଚାମ୍ପିୟନ୍ସ ଟ୍ରଫି ଖେଳା ଯାଇ ନଥିଲା। ଦୀର୍ଘ ୮ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି ଖେଳା ଯାଉଛି।୨୦୧୭ରେ ଭାରତୀୟ ଟିମ ବିରାଟ କୋହଲିଙ୍କ ନେତୃତ୍ୱରେ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଖେଳିଥିଲା। କିନ୍ତୁ ଦଳକୁ ଫାଇନାଲରେ ହାରିବାକୁ ପଡିଥିଲା। ଏଥର ଦଳ ରୋହିତ ଶର୍ମାଙ୍କ ନେତୃତ୍ୱରେ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଯାଉଛି। ଦଳରେ ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ବରିଷ୍ଠ ଖେଳାଳି ରହିଛନ୍ତି। କିନ୍ତୁ ସ୍ପିଡଷ୍ଟର ଯଶପ୍ରୀତ ବୁମ୍ରା ଦଳରେ ନଥିବାରୁ ଏହା ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ବୋଲିଂ ୟୁନିଟକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ।ଭାରତ ୨୦୧୩ ପର ଠାରୁ ଆଉ ଚାମ୍ପିୟନ୍ସ ଟ୍ରଫି ଜିତି ନାହିଁ। ତେଣୁ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ଏଥର ଟ୍ରଫି ତୋଳିବାକୁ ଲକ୍ଷ୍ୟ ରଖିଛି। କୁହାଯାଉଛି ଯେ ୩୭ ବର୍ଷୀୟ ରୋହିତ, ୩୬ ବର୍ଷୀୟ ବିରାଟ କୋହଲି ଓ ୩୬ ବର୍ଷୀୟ ରବୀନ୍ଦ୍ର ଜାଡେଜାଙ୍କ ପାଇଁ ୨୦୨୫ ଚାମ୍ପିୟନ୍ସ ଟ୍ରଫି ସମ୍ଭବତଃ ଶେଷ ଆଇସିସି ଇଭେଣ୍ଟ। କାରଣ ଏହି ୩ ଷ୍ଟାର ଖେଳାଳି ଟି-୨୦ ଫର୍ମାଟରୁ ଅବସର ଘୋଷଣା କରି ସାରିଛନ୍ତି। ୨୦୨୪ରେ ଭାରତ ଟି-୨୦ ବିଶ୍ୱକପ ଜିତିଥିଲା। ବିଶ୍ୱ ବିଜେତା ହେବା ପରେ ରୋହିତ, ବିରାଟ ଓ ଜାଡେଜା ଟି-୨୦ ଅନ୍ତର୍ଜାତୀୟକୁ ଅଲବିଦା କହିଥିଲେ। ଏବେ ୩ ଖେଳାଳି କେବଳ ଦିନିକିଆ ଓ ଟେଷ୍ଟ କ୍ରିକେଟ ଖେଳୁଛନ୍ତି।

## ବେଆଇନ ପ୍ରବାସୀ ଭାରତୀୟଙ୍କ ବିମାନ କାହିଁକି କେବଳ ପଞ୍ଜାବରେ ଲ୍ୟାଣ୍ଡ୍ କରୁଛି



ଭୁବନେଶ୍ୱର, (ପି.ଏନ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା କ୍ଷଣି ବେଆଇନ ପ୍ରବାସୀଙ୍କୁ ୱାଶିଂଟନରୁ ବିଦା କରିବାରେ ଲାଗିଛନ୍ତି। ଏହିକ୍ରମରେ ଆମେରିକାରେ ରହୁଥିବା ବେଆଇନ ଭାରତୀୟଙ୍କୁ ମଧ୍ୟ ସେ ବିଦା କରୁଛନ୍ତି। ପୂର୍ବରୁ ବେଆଇନ ଭାବେ ଆମେରିକାରେ ରହୁଥିବା ୧୦୪ ଜଣ ଭାରତୀୟଙ୍କୁ ଟ୍ରମ୍ପ ମିଲିଟାରୀ ବିମାନରେ ପଞ୍ଜାବର ଅମୃତସରକୁ ପଠାଇ ଦେଇଥିଲେ ।ପ୍ରବାସୀ ଭାରତୀୟଙ୍କ ହାତରେ ହ୍ୟାଣ୍ଡକଫ ଓ ଗୋଡରେ ଜଞ୍ଜିର ବାନ୍ଧି ଟ୍ରମ୍ପ ପ୍ରତ୍ୟର୍ପଣ କରିଥିବାରୁ ଏହାକୁ ନେଇ ବିବାଦ ଦେଖାଯାଇଥିଲା। ଏବେ ପୁଣି ୧୧୯ ଜଣ ଭାରତୀୟଙ୍କୁ ଟ୍ରମ୍ପ ନିଜ ଦେଶରୁ ବିଦା କରିଛନ୍ତି। ସ୍ୱତନ୍ତ୍ର ସେନା ବିମାନରେ ଭାରତୀୟଙ୍କୁ ପଠା ଯାଇଛି। ଆଜି ରାତି ୧୦ଟା ବେଳେ ବିମାନଟି ପଞ୍ଜାବର ଅମୃତସରରେ ଲ୍ୟାଣ୍ଡ କରିବ ।ଆଜି ପ୍ରତ୍ୟର୍ପିତ ହୋଇଥିବା ଭାରତୀୟଙ୍କ ମଧ୍ୟରେ ୬୭ ଜଣ ପଞ୍ଜାବରୁ, ୩୩ ଜଣ ହରିୟାଣାରୁ, ଗୁଜରାଟରୁ ୮ ଜଣ, ୩ ଜଣ ଉତ୍ତର ପ୍ରଦେଶରୁ, ଗୋଆ ଓ ମହାରାଷ୍ଟ୍ରରୁ ୨ ଜଣ ଲେଖାଏ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀରରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ଆସନ୍ତାକାଲି ମଧ୍ୟ ଆଉ କିଛି ଭାରତୀୟ ପ୍ରତ୍ୟର୍ପିତଙ୍କୁ ଧରି ଆଉ ଗୋଟିଏ ବିମାନ ଆମେରିକାରୁ ଆସିବ। ଉକ୍ତ ବିମାନ ମଧ୍ୟ ଅମୃତସରରେ ଅବତରଣ କରିବ।

## ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ଜଗତସିଂହପୁର ,(ପି ଏନ): ଆଜି ପୂର୍ବାହ୍ନ ରେ ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟି ତ୍ରୀ ଏବଂ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅତିଥି ପରିଚୟ କରାଇଥିଲେ । ପ୍ରବାସୀ ଶ୍ରମିକଙ୍କ ବିଭିନ ସୁବିଧା ଅସୁବିଧା ସମ୍ପର୍କରେ ଆଇନ ସେବା ପ୍ରାଧିକରଣ ସଚିବ ଛାତ୍ର ଛାତ୍ରୀଙ୍କୁ ବୁଝାଇବା ସହ ଆଇନଗତ ଦିଗ ବିଷୟରେ ଆଲୋଚନା କରିଥିଲେ । ପ୍ରବାସୀ ଶ୍ରମିକ ଯଦି କୌଣସି ଅସୁବିଧାର ସମୁଖୀନ ହେଉଥାନ୍ତି ତେବେ ଆଇନଗତ ସାହାଯ୍ୟ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବା ପାଇଁ ସଚିବ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଇଥିଲେ । ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓ.ପି ଜିନ୍ଦଲ ସ୍କୁଲକୁ ମିଳିଲା 'ଶିକ୍ଷା ଉତ୍କର୍ଷତା ପୁରସ୍କାର'-୨୦୨୫



ଅନୁଗୁଳ,(ପି.ଏନ) : ଓଡିଶାରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ଅନ୍ତର୍ଭୁକ୍ତ ଶିକ୍ଷା ଦିଗରେ ପଦକ୍ଷେପ ପାଇଁ ଅନୁଗୁଳରେ ଅବସ୍ଥିତ ଓ.ପି ଜିନ୍ଦଲ ସ୍କୁଲକୁ ଏଜୁକେସନ ଏକ୍ସେଲେନ୍ସ ଏମ୍ପାୱାରିଂ ଇଣ୍ଡିଆ ଆୱାର୍ଡ (ଶିକ୍ଷା ଉତ୍କର୍ଷତା ସଶକ୍ତିକରଣ ଭାରତ ପୁରସ୍କାର)ରେ ପୁରସ୍କୃତ କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ।ପ୍ରଖ୍ୟାତ ଶିକ୍ଷାବିତଙ୍କ ଏକ ବିଶିଷ୍ଟ ପ୍ୟାନେଲଙ୍କ ଉପସ୍ଥିତିରେ ଓ.ପି ଜିନ୍ଦଲ ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁଙ୍କୁ ଭାରତ ସରକାରଙ୍କ ମାନ୍ୟବର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଏହି ବିଜେତା ଟ୍ରଫି ପ୍ରଦାନ କରିଥିଲେ । ଦେଶର ଶ୍ରେଷ୍ଠ ବିଦ୍ୟାଳୟଗୁଡିକ ମଧ୍ୟରେ ଏକ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀର ଆରୁକୁକ୍ ମିଡିଆ ପକ୍ଷରୁ ଏହି ପୁରସ୍କର ପ୍ରଦାନ କରାଯାଇଥିଲା ।ପୁରସ୍କାର ଗ୍ରହଣ କରିବା ପରେ ସ୍କୁଲ ପରିଚାଳନା ଦାୟୀତ୍ୱରେ ଥିବା କର୍ତ୍ତୃପକ୍ଷ, ଅନୁଷ୍ଠାନର ପୃଷ୍ଠପୋଷକ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଓ ଶ୍ରୀମତି ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଜେଏସପିର ସମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ଏବଂ ସ୍ଥାନୀୟ ସମ୍ପ୍ରଦାୟଙ୍କୁ କୃତଜ୍ଞତା ଜଣାଇଥିଲେ ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ । ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଏହି ସମସ୍ତଙ୍କ ସମର୍ଥନ ଆମକୁ ଉତ୍ସାହିତ କରି ଆସୁଛି ବୋଲି ସେ କହିଥିଲେ ।ଏହି ସଫଳତା ସହ ଅନୁଗୁଳର ଓ.ପି ଜିନ୍ଦଲ ସ୍କୁଲ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ନିଜର ଉପସ୍ଥିତିକୁ ଆହୁରି ସୁଦୃ? କରିପାରିଛି ।

## ପ୍ରତିଷ୍ଠିତ ଜରାଶ୍ରମ ପାଇଁ ବ୍ୟାସ ଫାଉଣ୍ଡେସନକୁ ଜମି ଦାନ




ପାରାଦୀପ,(ପି.ଏନ): ରାଜ୍ୟ ତଥା ଜଗତସିଂହପୁର ଜିଲ୍ଲାର ଏକ ଅଗ୍ରଣି ଆଧାତ୍ମିକ ସାରସ୍ୱତ ଓ ସମାଜସେବୀ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ତରଫରୁ ଜଗତସିଂହପୁର ଜିଲ୍ଲାରେ ଏକ ଜରାଶ୍ରମ ପତିଷ୍ଠା କରିବା ନିମନ୍ତେ ଦୀର୍ଘ ଦଶନ୍ଧିଧରି ପରିକଳ୍ପନା କରାଯାଉଥିଲା ବେଳେ, ଗତ ଶୁକ୍ରବାର ଦିନ ଗରେଇ ପଞ୍ଚାୟତ ଅନ୍ତର୍ଗତ ନାଳିଆପାଳ ଗ୍ରାମର ବିଶିଷ୍ଟ ସମାଜସେବୀ ବିଷ୍ଣୁ ଚରଣ ସ୍ୱାଇଁ ନିଜସ୍ୱ ସମ୍ପତିରୁ ୪୦ ଡିସିମିଲ ଜମି ମଣିଜଙ୍ଗା ସବରେଜିଷ୍ଟର ଅଫିସରେ ଫାଉଣ୍ଡେସନ ନାମରେ କବଲା କରିଛନ୍ତି। ଖୁବଶୀଘ୍ର ଶ୍ରୀ ସ୍ୱାଇଁ ଙ୍କ ଦ୍ୱାରା ଦାନ ଜମିରେ ବ୍ୟାସ ବିଷ୍ଣୁ ସ୍ନେହାଳୟ ଜରାଶ୍ରମ ପ୍ରତିଷ୍ଠା କରାଯିବ ବୋଲି ଫାଉଣ୍ଡେସନର ସଭାପତି ଡଃ.ସିଦ୍ଧ ?ଶ୍ୱର ପଣ୍ଡା, ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ,କର୍ମକର୍ତ୍ତା ବିବେକାନନ୍ଦ ହୋତା ଓ ଉପସଭାନେତ୍ରୀ ରଶ୍ମିତା ନାୟକ ପ୍ରମୁଖ ଗଣମାଧ୍ୟମ ମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ଭୂମିଦାତା ବିଷ୍ଣୁ ଚରଣ ସ୍ୱାଇଁ ଙ୍କୁ ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ରାଉଳ, ମା ସାରଳା ଙ୍କ ଉତ୍ତରୀୟ ଚନ୍ଦନ ସିନ୍ଦୁର ପ୍ରଦାନ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥଲେ। ବିଶେଷ କରି ଏହି ସମସ୍ତ କାର୍ଯ୍ୟକ୍ରମରେ ଦେବେନ୍ଦ୍ର କୁମାର ମଲ୍ଲିକ,ଗରେଇ ଗ୍ରାମପଞ୍ଚାୟତ ର ପୂର୍ବତନ ସରପଂଚ ତଥା ସମାଜସେବୀ ସଂଗ୍ରାମ ମନ୍ତ୍ରୀ , ପୋତାନଇ ପଞ୍ଚାୟତ ର ଯୁବ ସମାଜସେବୀ ଅମର କୁମାର ସ୍ୱାଇଁ ,ଅବସର ପ୍ରାପ୍ତ ଶିକ୍ଷକ ଅଭୟ କୁମାର ଲେଙ୍କା,ଫାଉଣ୍ଡେସନ ର ଉପଦେଷ୍ଟା ଅକ୍ଷୟ କୁମାର ସାହୁ,ରଞ୍ଜନ କୁମାର ପ୍ରଧାନ , ସୂର୍ଯ୍ୟନାରାୟଣ ବେହେରା, ପଣ୍ଡିତ ଶରତ କୁମାର ଦାଶ , ଆଇନିପରାମର୍ଶ ଦାତା ହୃଷିକେଶ ନନ୍ଦ, ବିପିନ ମାଝି , ସାମ୍ବାଦିକ ଶ୍ରୀକାନ୍ତ ଦାଶ , ସାମ୍ବାଦିକ ରଞ୍ଜନ କୁମାର ମଲ୍ଲିକ, ଦାମୋଦର ବସନ୍ତିଆ , ଅକ୍ଷୟ କୁମାର ସାହୁ, ତାପସ ସେଠୀ ପ୍ରମୁଖ ବହୁ କର୍ମକର୍ତ୍ତା, ସଦସ୍ୟ ଓ ଶୁଭେଚ୍ଛୁ ମାନେ ସକ୍ରିୟ ଅଂଶ ଗ୍ରହଣ କରି, ବ୍ୟାସ ଫାଉଣ୍ଡେସନ ଏହି ଜନମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିବା କ୍ଷେତ୍ରରେ ସକ୍ରିୟ ସହଯୋଗ କରିଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray